

ଟିପ୍ପଣୀ

# ଏକକ ୧୬ : ଆକଳନ ପରଣାମଗୁଡ଼ିକର ବ୍ୟବହାର ମାଧ୍ୟମରେ ଶିକ୍ଷଣରେ ସୁଧାର

## ସଂରଚନା


୧୬.୦. ଉପକ୍ରମ

୧୬.୧. ଶିକ୍ଷଣ ଉଦ୍ଦେଶ୍ୟ

୧୬.୨ ଆକଳନ ଫଳାଫଳର ଲିପିବଦ୍ଧ କରିବା ଓ ସୂଚିତ କରିବା

୧୬.୨.୧ ଲିପିବଦ୍ଧ କରିବା ଓ ସୂଚିତ କରିବାର ଆବଶ୍ୟକତା

୧୬.୨.୨ ଶିକ୍ଷଣ ଅଗ୍ରଗତି ଲିପିବଦ୍ଧ କରିବାର ପ୍ରକ୍ରିୟା

୧୬.୨.୩ ବିଭିନ୍ନ ଉପଭୋକ୍ତାଙ୍କୁ ସୂଚିତ କରିବା

୧୬.୩ ଶିକ୍ଷଣ

୧୬.୩.୧ ଅନୁସରଣ କାର୍ଯ୍ୟକ୍ରମ

୧୬.୪ ସାରାଂଶ

୧୬.୫ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୧୬.୬ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୧୬.୭ ପାଠାନ୍ତ ପ୍ରଶ୍ନାବଳୀ

## ୧୬.୦ ଉପକ୍ରମ

ତୁମେ ୟୁନିଟ-୧୪ରେ ଶିକ୍ଷାଲାଭ କରିଅଛ ଯେ ଆକଳନ ଶିଶୁର ଶିକ୍ଷଣ ଓ ଅଭିବୃଦ୍ଧିରେ ସାହାଯ୍ୟ ଓ ସୁଧାର କରିବା ସକାଶେ ଉଦ୍ଦିଷ୍ଟ ଥାଏ । ତୁମେ ୟୁନିଟ-୧୫ରେ ଶିକ୍ଷା ସମ୍ବନ୍ଧୀୟ ଓ ସହ-ଶିକ୍ଷା ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକରେ ବିଭିନ୍ନ ଉପକରଣ ଓ କୌଶଳଗୁଡ଼ିକର ବ୍ୟବହାର କରି ତୁମର ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତି ବାବଦରେ ବିବିଧ ତଥ୍ୟ ସଂଗ୍ରହ କରିବାର ଜ୍ଞାନ ମଧ୍ୟ ଅର୍ଜନ କରିଅଛ । ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ପ୍ରଦର୍ଶନ ଓ ଅଗ୍ରଗତି ଉପରେ ପରିଣାମଗୁଡ଼ିକ ହୁଏତ ସଂଖ୍ୟାଧିକ ଅଥବା ପରିମାଣାତ୍ମକ (ପ୍ରାପ୍ତାଙ୍କ ଅଥବା ଅଙ୍କ) ଅଥବା ଗୁଣାତ୍ମକ ପଦ (ବର୍ଣ୍ଣନାତ୍ମକ ଉକ୍ତିଗୁଡ଼ିକ ପରି) ହୋଇଥାଏ । ଏହିପରି ସଂଗୃହୀତ ତଥ୍ୟ ଓ ପ୍ରମାଣକୁ ଲିପିବଦ୍ଧ ଓ ବିଭକ୍ତିକରଣ କରିବାକୁ ପଡ଼ିବ ଯାହାକି ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତି ସକାଶେ ବିଭିନ୍ନ କୋଣରୁ ସେମାନଙ୍କର ପ୍ରଦର୍ଶନଗୁଡ଼ିକୁ ବିଶ୍ଳେଷଣ କରାଯାଇପାରିବ ଓ ସେମାନଙ୍କର ଶିକ୍ଷଣକୁ ସୁଗମ କରିବା ସକାଶେ ବିଭିନ୍ନ ଉପାୟରେ ବିଭିନ୍ନ ଉପଭୋକ୍ତାମାନଙ୍କୁ ସୂଚିତ କରାଯିବ ଏବଂ ନିଜ ନିଜ କ୍ଷେତ୍ରରେ ସେମାନଙ୍କର ଶିକ୍ଷଣ ସ୍ତର ବୃଦ୍ଧି କରିବା ସକାଶେ ଉପଯୁକ୍ତ ପଦକ୍ଷେପମାନ ନେବାକୁ ପଡ଼ିବ । ଏହି ଅଭିଲିଖିତ ପରିବର୍ତ୍ତନଗୁଡ଼ିକର ପ୍ରମାଣ ଓ ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତିକୁ ବ୍ୟବହାର କରାଯାଇ ମଧ୍ୟ ଚାଲୁ ରହିଥିବା ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାଗୁଡ଼ିକରେ ସୁଧାର ଅଣାଯିବ ଓ ଶିକ୍ଷାଦାନର ନକ୍ସା ପରିବର୍ତ୍ତନ କରାଯିବ । ବିଭିନ୍ନ ଶିକ୍ଷା ଓ ସହ-ଶିକ୍ଷା ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକରେ ଆକଳନ ଓ ଫଳାଫଳର 'କ'ଣ', 'କାହିଁକି' ଓ 'କିପରି'କୁ ଲିପିବଦ୍ଧ ଓ ସୂଚିତ କରିବା ଏବଂ ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣକୁ ଆଗେଇନେବା ସକାଶେ ଆକଳନ ନଥିପତ୍ରଗୁଡିକର ବିଶ୍ଳେଷଣ ଯାହାକି ଆଧାରିତ ପରବର୍ତ୍ତୀ କାର୍ଯ୍ୟକ୍ରମ ଗୁଡିକର ଯୋଜନାରେ ସାହାଯ୍ୟ କରିବ, ସେସବୁ କଥା ଚାଲନ୍ତୁ ଏହି ଏକକରେ ଆଲୋଚନା କରିବା ।

ସାଧାରଣତଃ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ଗୋଟିଏ ବିଷୟ ପଢ଼ାଇବା ପାଇଁ ଜଣେ ନିର୍ଦ୍ଦିଷ୍ଟ ଶିକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥାଏ । ଏହାର ଅର୍ଥ, ଗୋଟିଏ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ପ୍ରତ୍ୟେକ ପିରିୟଡରେ ବିଭିନ୍ନ ଶିକ୍ଷକଙ୍କ ଦ୍ୱାରା ଭିନ୍ନ ଭିନ୍ନ ବିଷୟ ପଢ଼ା ଯାଇଥାଏ । ଏଥିରେ ବ୍ୟତିକ୍ରମ ମଧ୍ୟ ରହିଛି । ଯେତେବେଳେ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକଙ୍କଠାରୁ କମ୍ ସଂଖ୍ୟକ ଶିକ୍ଷକ ଥାଆନ୍ତି, ଜଣେ ଶିକ୍ଷକଙ୍କୁ ଗୋଟିଏ ଗୋଟିଏ ଶ୍ରେଣୀରେ ଗୋଟିଏରୁ ବି ଅଧିକ ପିରିୟଡ ନେବାକୁ ହୋଇଥାଏ । ଆପଣମାନେ ଜାଣନ୍ତି ଯେ ଆମ ଦେଶରେ ଅଧିକାଂଶ ପ୍ରାଥମିକ ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକଙ୍କୁ ଗୋଟିଏ ଶିକ୍ଷାବର୍ଷ ପାଇଁ ଗୋଟିଏ ଶ୍ରେଣୀରେ ଶିକ୍ଷାଦାନ କରିବାର ଦାୟିତ୍ୱ ପ୍ରଦାନ କରାଯାଇଥାଏ । ସାରା ଦିନ ତାଙ୍କୁ ସେହି ଶ୍ରେଣୀରେ ଉକ୍ତ ଶ୍ରେଣୀ ନିମନ୍ତେ ଉଦ୍ଦିଷ୍ଟ ପାଠ୍ୟ ଖସଡ଼ାରେ ଥିବା ସମସ୍ତ ବିଷୟ ଗୁଡିକ ରୁଟିନ ବା ସମୟ ସାରଣୀରେ କୌଣସି ପ୍ରକାରର ପରିବର୍ତ୍ତନ ନ କରି ଗୋଟିକ ପରେ ଗୋଟିଏ ବିଷୟ ପଢ଼ାଇବା ସହିତ ଶିକ୍ଷାର୍ଥୀ ମାନଙ୍କ ଦେଖାରଖା କରିବାକୁ ପଡ଼ିଥାଏ । ଏଠାରେ ପ୍ରଦାନ କରାଯାଉଥିବା ଏକ ପରିସ୍ଥିତି ଉପରେ ଦୃଷ୍ଟିପାତ କରାଯାଉ ।

ଏହି ଏକକକୁ ସମ୍ପୂର୍ଣ୍ଣ କରିବା ପାଇଁ ଅତି କମ୍‌ରେ ୮ ଘଣ୍ଟାର ଅଧ୍ୟୟନ ଆବଶ୍ୟକ ହେବ ।



ଟିପ୍ପଣୀ

## ୧୬.୧ ଶିକ୍ଷଣର ଉଦ୍ଦେଶ୍ୟ

ଏହି ଏକକକୁ ସମ୍ପୂର୍ଣ୍ଣ କଲାପରେ, ତୁମେ ସମର୍ଥ ହେବ:-

- ବିଭିନ୍ନ ଶିକ୍ଷା ସମ୍ବନ୍ଧୀୟ ଓ ସହ ଶିକ୍ଷା ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ପ୍ରଦର୍ଶନର ଲିପିବଦ୍ଧ କରିବା ଓ ସୂଚିତ କରିବା ସକାଶେ ଆବଶ୍ୟକତା ଓ ପ୍ରକ୍ରିୟାଗୁଡ଼ିକ ବର୍ଣ୍ଣନା କରିବାରେ;
- ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ଆବଶ୍ୟକତା ଓ ବ୍ୟକ୍ତିଗତ ଆବଶ୍ୟକତା ଚିହ୍ନଟ କରିବା ପାଇଁ ଆକଳନ ପରିଣାମଗୁଡ଼ିକ ବ୍ୟବହାର କରିବାରେ ଓ ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣରେ ସୁଧାର ଆଣିବା ସକାଶେ ଅନୁସରଣ କାର୍ଯ୍ୟକ୍ରମଗୁଡ଼ିକ ହାତକୁ ନେବାରେ;
- ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣରେ ଉପଭୋକ୍ତାମାନଙ୍କର ଉପଯୁକ୍ତ ସହାୟତା ସକାଶେ ସେମାନଙ୍କ ସହ ଆକଳନ ପରିଣାମଗୁଡ଼ିକ ବିନିମୟ କରିବାରେ;
- ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ବୃଦ୍ଧି କରିବା ସକାଶେ ଆକଳନ ପରିଣାମଗୁଡ଼ିକୁ ଉପରେ ଚିନ୍ତନ କରି ନିଜର ଶିକ୍ଷାଦାନ ଓ ଆକଳନର ସ୍ୱକୌଶଳକୁ ପରିମାର୍ଜିତ କରିବାରେ ।

## ୧୬.୨ ଆକଳନ ପରିଣାମଗୁଡ଼ିକୁ ଲିପିବଦ୍ଧ ଓ ସୂଚିତ କରିବା

ତୁମେ ଯେତେବେଳେ ଏକ ପରୀକ୍ଷା ଆୟୋଜନ କର, ଉତ୍ତର ପୁସ୍ତିକାଗୁଡ଼ିକୁ ନେଇ କ'ଣ କରିଥାଅ । ତୁମେ ଉତ୍ତରଗୁଡ଼ିକ ଉପରେ ନମ୍ବର ଦେଇଥାଅ ଓ ପ୍ରତ୍ୟେକ ବିଷୟରେ ପ୍ରତି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରାପ୍ତ ମୋଟ ନମ୍ବରଗୁଡ଼ିକ ନିର୍ଦ୍ଧାରଣ କରିଥାଅ । ତା'ପରେ ପ୍ରତି ଛାତ୍ରଛାତ୍ରୀମାନଙ୍କ ସକାଶେ ବ୍ୟକ୍ତିଗତ ଭାବେ ଏକ ପୁସ୍ତିକାରେ ସେହି ନମ୍ବରଗୁଡ଼ିକୁ ପ୍ରବେଶ କରାଇଥାଅ । ଏହି ନମ୍ବର ପୁସ୍ତିକା ଏକ ସ୍ଥାୟୀ ନଥି ଯାହାକି ଭବିଷ୍ୟତ ବ୍ୟବହାର ପାଇଁ ରଖାଯାଇଥାଏ । ନମ୍ବରଗୁଡ଼ିକ ପୁସ୍ତିକାରେ ଲିପିବଦ୍ଧ ହେଲା ପରେ ପ୍ରତ୍ୟେକ କ୍ଷେତ୍ର ସକାଶେ କ୍ରମୋନ୍ନତି ପତ୍ର (ପ୍ରୋଗ୍ରେସ ରିପୋର୍ଟ) ପ୍ରସ୍ତୁତ କରାଯାଏ ଓ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ଗୋଚରାର୍ଥେ ଓ ନିଜର ଅଭିଭାବକମାନଙ୍କର ପଠନାର୍ଥେ ଏଗୁଡ଼ିକୁ ଦିଆଯାଇଥାଏ । କେତେକ ବିଦ୍ୟାଳୟରେ, ପ୍ରତ୍ୟେକ ପରୀକ୍ଷା ପରେ ଛାତ୍ରଛାତ୍ରୀମାନଙ୍କର ଫଳାଫଳ ଉପରେ ଆଲୋଚନା ଓ ବିନିମୟ ସକାଶେ ଅଭିଭାବକ-ଶିକ୍ଷକ ସଭା କରାଯାଏ । ବୈଦ୍ଧିକ କ୍ଷେତ୍ରରେ (ଧାର୍ଯ୍ୟ ପାଠ୍ୟସୂଚୀରେ ଅନ୍ତର୍ଭୁକ୍ତ ବିଷୟଗୁଡ଼ିକରେ) ଛାତ୍ରଛାତ୍ରୀମାନଙ୍କର କାର୍ଯ୍ୟ ସଂପାଦାନ (ପ୍ରାୟତଃ ଲିଖିତ ଉତ୍ତର ଉପରେ)କୁ ଲିପବଦ୍ଧ କରିବା ଓ ସୂଚିତ କରିବା ଆମ ବିଦ୍ୟାଳୟଗୁଡ଼ିକର ଏକ ସୁପରିଚିତ ଓ ଧାରାବାହିକ ଅଭ୍ୟାସ ।

କିନ୍ତୁ ନିରବଚ୍ଛିନ୍ନ ଓ ସାମଗ୍ରିକ ମୂଲ୍ୟାୟନ ଉପରେ ଗୁରୁତ୍ୱ ପ୍ରଦାନ ପରେ ଆକଳନ ଆଉ ପୂର୍ବ ପରି କେବଳ ବୈଦ୍ଧିକ କ୍ଷେତ୍ରରେ ସୀମିତ ହୋଇ ରହିନାହିଁ । ସାମଗ୍ରିକ ଭାବରେ ପ୍ରତି ଛାତ୍ରଛାତ୍ରୀମାନଙ୍କୁ ଆକଳନ କରିବା ପାଇଁ, ଆକଳନ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷା ସମ୍ବନ୍ଧୀୟ ଓ ସହ-ଶିକ୍ଷା ସମ୍ବନ୍ଧୀୟ କ୍ଷେତ୍ରଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଛି ଯାହାକି ପୂର୍ବ ଏକକ ଗୁଡ଼ିକରେ ବିଶଦ ଭାବରେ ଆଲୋଚନା ହୋଇ ସାରିଛି ଏଣୁ ଏହା ପ୍ରତୀୟମାନ ଯେ ଉଭୟ ବୈଦ୍ଧିକ ଓ ସହ-ବୈଦ୍ଧିକ ସମ୍ବନ୍ଧୀୟ କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତି ସକାଶେ ଆକଳନର ଦିଗଗୁଡ଼ିକରେ ବିସ୍ତାରିତ ହେବା ସହ ଲିପିବଦ୍ଧ କରିବାର ଦିଗଗୁଡ଼ିକ ନିଶ୍ଚୟ ବୃଦ୍ଧି ପାଇବ । ସେହିପରି ଅନେକ

ଟିପ୍ପଣୀ

ଉପଭୋକ୍ତାମାନଙ୍କୁ ଲିପିବଦ୍ଧ ହୋଇଥିବା ଫଳାଫଳକୁ ସୂଚିତ କରିବା ମଧ୍ୟ ସମ୍ପୂର୍ଣ୍ଣ ରୂପେ ଏକ ପ୍ରତିଦ୍ୱନ୍ଦିତାମୂଳକ ଆହ୍ୱାନ। ଚାଲନ୍ତୁ ଲିପିବଦ୍ଧ ଓ ସୂଚିତ କରିବାର ବିଭିନ୍ନ ପ୍ରକାର ଓ ସେଗୁଡ଼ିକର ନିହିତାର୍ଥ ବିଷୟରେ ଆଲୋଚନା କରିବା।

## ୧୬.୨.୧ ଲିପିବଦ୍ଧ ଓ ସୂଚିତ କରିବାର ଆବଶ୍ୟକତା

ଥରେ ଯଦି ତୁମର ବିଭିନ୍ନ ବୈଦ୍ଧିକ, ସହ ବୈଦ୍ଧିକ ସମ୍ବନ୍ଧୀୟ କାର୍ଯ୍ୟ ଓ ସାମାଜିକ - ବ୍ୟକ୍ତିଗତ ଗୁଣାବଳୀ କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ଅଗ୍ରଗତିର ତଥ୍ୟ ଓ ପ୍ରମାଣ ରହିଅଛି, ଯାହାକି ବିଭିନ୍ନ ଉତ୍ସରୁ ନାନାଦି ପଦ୍ଧତିଗୁଡ଼ିକ ଦ୍ୱାରା ସଂଗୃହୀତ ହୋଇଥାଏ, ସେଗୁଡ଼ିକ ଶୃଙ୍ଖଳିତ ଭାବେ ଲିପିବଦ୍ଧ ହୋଇଥାଏ । ଏହା ବିଷୟ ଓ ପର୍ଯ୍ୟାୟଓ୍ୱାରୀ ନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ କରାଯାଇଥାଏ । ନିଜର ସମର୍ଥ୍ୟ ଅନୁସାରେ ସମସ୍ତ ଶିକ୍ଷାର୍ଥୀଙ୍କ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ପାଇଁ, ନିରବିଚ୍ଛିନ୍ନ ଓ ସାମଗ୍ରିକ ମୂଲ୍ୟାୟନ (ସିସିଇ) ରେ ବୈଦ୍ଧିକ, ସହ ବୈଦ୍ଧିକ କ୍ଷେତ୍ରଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କର କାଯ୍ୟସଂପାଦନର ପ୍ରମାଣ ଲିପିବଦ୍ଧ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଛାତ୍ରଛାତ୍ରୀମାନଙ୍କର ଏହି ଶିକ୍ଷଣ କୃତି ସମ୍ବନ୍ଧୀୟ ନଥିପତ୍ର ଗୁଡ଼ିକ ବିଦ୍ୟାଳୟରେ ବିବିଧ ନିର୍ଦ୍ଦିଷ୍ଟ କାର୍ଯ୍ୟଗୁଡିକରେ ସହାୟତା କରିଥାଏ ।

> **ଲିପିବଦ୍ଧ କରିବା :** ଆକଳନର ବିଭିନ୍ନ ସାଧନୀ ଓ କୌଶଳଗୁଡ଼ିକର ବ୍ୟବହାର ଦ୍ୱାରା ଉଭୟ ବୈଦ୍ଧିକ ଓ ସହ ବୈଦ୍ଧିକ କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ କୃତି ଓ ଅଗ୍ରଗତିର ପ୍ରମାଣକୁ ଏକତ୍ରିତ କରି ଶୃଙ୍ଖଳିତ ଭାବେ ଟିପି ରଖିବା ପ୍ରକ୍ରିୟାକୁ ଲିପିବଦ୍ଧ କରିବା କୁହାଯାଏ।
>
> **ସୂଚିତ କରିବା :** ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ଏକ ନିମ୍ନ ସ୍ତରର ବୋଧଗମ୍ୟତା ଓ ଦକ୍ଷତା ଆହରଣରୁ ଉଚ୍ଚ ଓ ଅତି ଜଟିଳ ସ୍ତରର ଶିକ୍ଷଣ ପର୍ଯ୍ୟନ୍ତ ପିଲାଟିଏ କିପରି ଶିଖେ ଓ ଅଗ୍ରଗତି କରେ ତାହା ଦର୍ଶାଇବା ପାଇଁ ଆକଳନ ଉପରେ ପ୍ରତିପୁଷ୍ଟି ଜଣାଇବା ଓ ବିନିମୟ କରିବାକୁ ସୂଚିତ କରିବା କୁହାଯାଏ ।

ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ କୃତିର ନଥିପତ୍ରଗୁଡ଼ିକ ବ୍ୟବହାରକାରୀମାନ ସମ୍ପର୍କିତ କରାଯାଇ ସର୍ବୋତ୍ତମ ଭାବେ ବର୍ଣ୍ଣନା କରାଯାଇପାରିବ। ଯାହାକି ନିମ୍ନଲିଖିତମାନଙ୍କ ଅନ୍ତର୍ଭୁକ୍ତ କରିଥାଏ।

(୧) ଛାତ୍ରଛାତ୍ରୀ ଓ ପିତାମାତା

(୨) ଶିକ୍ଷକ ଓ ପରାମର୍ଶଦାତା

(୩) ଯୋଜନାକାରୀ ଓ ପ୍ରଶାସକ

### (କ) ଛାତ୍ରଛାତ୍ରୀ ଓ ପିତାମାତା

ଚାଲନ୍ତୁ ଦେଖିବା କିପରି ଲିପିବଦ୍ଧ କରିବା ଓ ସୂଚିତ କରିବା ଛାତ୍ରଛାତ୍ରୀ ଓ ପିତାମାତାମାନଙ୍କୁ ସାହାଯ୍ୟ କରିଥାଏ।

- ଏହା ବିଦ୍ୟାଳୟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟଗୁଡ଼ିକୁ ସ୍ପଷ୍ଟ କରେ। ଛାତ୍ରଛାତ୍ରୀମାନେ କ'ଣ କରୁଅଛନ୍ତି ଓ କାହିଁକି କରୁଅଛନ୍ତି, ସେ ବିଷୟରେ ଏହାଦ୍ୱାରା ଜାଣିହୁଏ। ପିତାମାତାମାନେ

ଟିପ୍ପଣୀ

ମଧ୍ୟ ବିଦ୍ୟାଳୟରେ ନିଜର ପିଲା କ'ଣ କରୁଅଛି ସେ ବିଷୟରେ ଜାଣିଥାନ୍ତି ଓ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ବିଦ୍ୟାଳୟର କାର୍ଯ୍ୟସୂଚୀ ବିଷୟରେ ମଧ୍ୟ ଜାଣିବାକୁ ପାଆନ୍ତି । ମୂଲ୍ୟାୟନ ପ୍ରକୃତରେ ଶିକ୍ଷକ / ଶିକ୍ଷୟିତ୍ରୀମାନଙ୍କୁ ବେଶୀ ସାହାଯ୍ୟ କରିଥାଏ ।

- ଏହା ଶିକ୍ଷଣରେ ଛାତ୍ରଛାତ୍ରୀମାନଙ୍କର ସାମର୍ଥ୍ୟ ଓ ଦୁର୍ବଳତାକୁ ସୂଚାଏ । ଉଦାହରଣ ସ୍ୱରୂପ, ଜଣେ ଛାତ୍ର/ଛାତ୍ରୀ ଗଣିତରେ ଦକ୍ଷ ହୋଇପାରନ୍ତି କିନ୍ତୁ ସେ ଭାଷା ବିଷୟରେ ଦୁର୍ବଳ ହୋଇପାରନ୍ତି ଅଥବା ସେ ଖେଳ ଓ କ୍ରୀଡ଼ାରେ ଦକ୍ଷ ହୋଇପାରନ୍ତି କିନ୍ତୁ ବୌଦ୍ଧିକ କ୍ଷେତ୍ରରେ ଦୁର୍ବଳ ହୋଇପାରନ୍ତି ଆଦି । ଏହା ଦୁର୍ବଳ କ୍ଷେତ୍ରରେ ଅଭିଭାବକମାନଙ୍କୁ କାର୍ଯ୍ୟ କରିବାକୁ ସୁଯୋଗ ଯୋଗାଇବ ।

- ଏହା ଛାତ୍ରଛାତ୍ରୀମାନଙ୍କର ବ୍ୟକ୍ତିଗତ ଓ ସାମାଜିକ ଅଭିବୃଦ୍ଧିର ବିଶାଳ ବୋଧଗମ୍ୟତା ବିକାଶ କରିଥାଏ । ଉଦାହରଣ ସ୍ୱରୂପ, ଏକ ଶିଶୁ ଯେ କି ଲାଜକୁଳା ଅଟେ ତାକୁ ଗୋଟିଏ ତର୍କ ଶ୍ରେଣୀରେ ଖୋଲାଖୋଲି ଭାବେ ଅଂଶ ଗ୍ରହଣ କରିବାକୁ ସୁବିଧା ପ୍ରଦାନ କରାଯାଇପାରିବ ।

- ଛାତ୍ରଛାତ୍ରୀମାନଙ୍କର ଅଭିପ୍ରେରଣା ନିମିତ୍ତ ଏହାର ଅବଦାନ ରହିଛି । ଯେତେବେଳେ ଛାତ୍ର/ଛାତ୍ରୀ ନିଜର ସଫଳତା ଓ କୃତକାର୍ଯ୍ୟତା ଦେଖେ, ସେ ନିଜର ଅଗ୍ରଗତିରେ ଆହୁରି ଉନ୍ନତି ଆଣିବା ସକାଶେ ପ୍ରୋତ୍ସାହିତ ହେବା ଅନୁଭବ କରେ । ସଫଳତାଠାରୁ ଅନ୍ୟ କୌଣସିଟି ଉତ୍ତମ ପ୍ରୋତ୍ସାହନ ହୋଇ ନପାରେ । ଏହା ସୁନିଶ୍ଚିତ କରିବାକୁ ପଡ଼ିବ ଯେ ନଥିପତ୍ରଗୁଡ଼ିକ ଛାତ୍ରଛାତ୍ରୀମାନଙ୍କର ପର୍ଯ୍ୟାପ୍ତ ଦୃଢ଼ ବିଷୟକୁ ଧାରଣ କରେ ଯାହା ହର୍ଷପୂର୍ଣ୍ଣ ହୋଇଥାଏ ଓ ସେମାନଙ୍କୁ ପ୍ରେରଣା ପ୍ରଦାନ କରେ ଓ ନିଜର ପିତାମାତାମାନଙ୍କୁ ମଧ୍ୟ ସେମାନଙ୍କର ଅଭିପ୍ରେରଣାର ସ୍ତରକୁ ବଜାୟ ରଖିବା ନିମିତ୍ତ ଅବଦାନ କରିବା ପାଇଁ ସାହାଯ୍ୟ କରିଥାଏ ।

## (ଖ) ଶିକ୍ଷକ ଓ ପରାମର୍ଶଦାତା

ଶିକ୍ଷଣ କୃତି ନଥିପତ୍ର ଶିକ୍ଷକ ଓ ପରାମର୍ଶଦାତାମାନଙ୍କୁ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବୁଝିବା ସକାଶେ ବିବିଧ ସଂଗୃହୀତ ତଥ୍ୟ ଯୋଗାଏ । ଉପଲବ୍ଧ ପ୍ରମାଣ ଆଧାରରେ, ସେମାନେ ଉପସଂହାରରେ ଉପନୀତ ହୋଇପାରିବେ ଯେ କିପରି ଏକ ଛାତ୍ର/ଛାତ୍ରୀ ଶିଖୁଛି ଓ ଅଥବା ଅଗ୍ରଗତି କରୁଅଛି । ଏହା ସେମାନଙ୍କର ନିହାତି ବୁଝିବା ଆବଶ୍ୟକ ଯେ, ''ଶିକ୍ଷାର୍ଥୀ କେଉଁଠାରେ ଅଛି ?" ଓ "ଶିକ୍ଷାର୍ଥୀକୁ ସାହାଯ୍ୟ କରିବା ପାଇଁ କ'ଣ କରିବାକୁ ପଡ଼ିବ ?", ଯଦ୍ୱାରା ସେମାନେ ଶିଶୁକୁ ସେହି ସ୍ତରକୁ ଉନ୍ନତି କରିପାରିବେ ଯେଉଁଠାରେ କି ସେ ବୟସ ଓ ଦକ୍ଷତା ଅନୁଯାୟୀ ରହିବା ଉଚିତ୍ ହେବ ।

ଏହି ନିର୍ଦ୍ଦିଷ୍ଟ ଧାରାରେ ନଥିପତ୍ରର ବିଶ୍ଳେଷଣ ଓ ସମୀକ୍ଷା ନିମ୍ନଲିଖିତ ବିଷୟ ଉପରେ ଚିନ୍ତା ପ୍ରକଟ କରିବା ପାଇଁ ଶିକ୍ଷକଙ୍କୁ ସାହାଯ୍ୟ କରିଥାଏ ।

- ଶିକ୍ଷାଦାନ କୌଶଳ ଓ ପଦ୍ଧତି
- ଶ୍ରେଣୀ ଗୃହ ପରିଚାଳନା ଓ
- ବିଦ୍ୟାଳୟ ଭିତରେ ଓ ବାହାରେ ଉପଲବ୍ଧ ସମ୍ବଳ ଓ ଉପକରଣଗୁଡ଼ିକର ବ୍ୟବହାର ଯଦ୍ୱାରା ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତିରେ ସୁଧାର ।

ଅନ୍ୟ ପକ୍ଷରେ ଜଣେ ପରାମର୍ଶ ଦାତା (ଜଣେ ପଦାଧିକାରୀ ସେଠାରେ ଥାଇ ପାରନ୍ତି ଅଥବା

ଟିପ୍ପଣୀ

ଜଣେ ଶିକ୍ଷକ ପରାମର୍ଶଦାତାର ଭୂମିକା ମଧ୍ୟ ଗ୍ରହଣ କରିପାରନ୍ତି) ଶିକ୍ଷାର୍ଥୀର ପ୍ରଗତି ସୁନିଶ୍ଚିତ କରିବା ପାଇଁ ମୁହାଁ ମୁହିଁ ପରିସ୍ଥିତିରେ ବ୍ୟକ୍ତିଗତ ସମସ୍ୟା ଯୋଗୁଁ ଶିକ୍ଷଣ କୃତି ହାସଲର ରାସ୍ତା ବନ୍ଦକୁ ସାମନା କରିପାରିବେ । ଲିପିବଦ୍ଧ କରିବା ଓ ସୂଚିତ କରିବା ବ୍ୟବସ୍ଥା ଯଦି ଏହା ବ୍ୟାପକ ଓ ନିଦାନମୂଳକ ହୁଏ, ଛାତ୍ର/ଛାତ୍ରୀମାନଙ୍କର ଶିକ୍ଷଣକୁ ଫଳପ୍ରଦ ଭାବରେ ପଦ ପ୍ରଦର୍ଶନ କରିପାରିବ ଓ ସେମାନଙ୍କର, ନିଜର ବ୍ୟକ୍ତିଗତ-ସାମାଜିକ ଅଭିବୃଦ୍ଧିରେ ସହାୟତା କରିପାରିବ ଏବଂ ବାସ୍ତବବାଦୀ ଶୈକ୍ଷିକ ଯୋଜନାରେ ସାହାଯ୍ୟ କରିପାରିବ ।

### (ଗ) ଯୋଜନାକାରୀ ଓ ପ୍ରଶାସକ

ଲିପିବଦ୍ଧ କରିବା ମଧ୍ୟ ଯୋଜନାକାରୀ ଓ ପ୍ରଶାସକମାନଙ୍କୁ ନିମ୍ନଲିଖିତ ଉଦ୍ଦେଶ୍ୟ ହାସଲରେ ସାହାଯ୍ୟ କରିଥାଏ ।

- ଆଞ୍ଚଳିକ ସ୍ତରରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ ପ୍ରଦତ୍ତ ଶିକ୍ଷାର ଗୁଣବତ୍ତା ତଦାରଖ କରିବା ।
- ନିବେଶ ଓ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟକାରିତାକୁ ପରୀକ୍ଷା କରିବା ।
- ଶିକ୍ଷଣର ଗୁଣବତ୍ତା ବୃଦ୍ଧି ପାଇଁ ବିଦ୍ୟାଳୟଗୁଡ଼ିକୁ ବିଭକ୍ତିକରଣ ଓ ବର୍ଗୀକରଣ କରିବା ।
- ଶିକ୍ଷକମାନଙ୍କୁ ସେମାନଙ୍କର କାର୍ଯ୍ୟ ସଂପାଦନ ପାଇଁ ଉତ୍ତରଦାୟୀ କରିବା ସକାଶେ ସେମାନଙ୍କର କାର୍ଯ୍ୟ ସମ୍ପାଦନକୁ ଆକଳନ କରିବା ।
- ପାଠ୍ୟକ୍ରମ ବିକାଶ ଓ ଶିକ୍ଷକ ଶିକ୍ଷା ପରି କ୍ଷେତ୍ରଗୁଡ଼ିକରେ ରାଜ୍ୟ ବ୍ୟାପୀ ସଂସ୍କାର ହାତକୁ ନେବା ।

ଯେହେତୁ ଲିପିବଦ୍ଧ କରିବା ଓ ସୂଚିତ କରିବା ଆକଳନର ଏକ ଅବିଚ୍ଛେଦ୍ୟ ଅଂଶ, ସୂଚିତ କରିବା ସ୍ପଷ୍ଟ ଭାବରେ ବର୍ଣ୍ଣିତ ହେବା ଆବଶ୍ୟକ, ଯାହା ବି ଲିପିବଦ୍ଧ ହୋଇଅଛି, ତାହା ତଥ୍ୟ ଓ ପ୍ରମାଣ ଆଧାରିତ ହୋଇଥିବା ଆବଶ୍ୟକ ଓ ବିନିମୟ ହେବା ଆବଶ୍ୟକ । ବିନିମୟ ଦୋଷଦର୍ଶୀ ନ ହୋଇ ପ୍ରତିକାରାତ୍ମକ, ପୂର୍ବ ସତର୍କତାମୂଳକ, ବିକାଶାତ୍ମକ ଓ ସଂଶୋଧନାତ୍ମକ ହେବା ଆବଶ୍ୟକ । ଏହାର ଉଦ୍ଦେଶ୍ୟ ହେଉଅଛି, ଶିଶୁକୁ ଯେପରି ସେ ଅଛି ସେହିପରି ଗ୍ରହଣ କରିବା, ତାହାର ଅଗ୍ରଗତି ପାଇଁ ଦାୟିତ୍ୱ ନେବା ଓ ତା'ର ଉନ୍ନତି ପାଇଁ ଅନ୍ୟମାନଙ୍କର ସହାୟତା ଚାହିଁବା ଯଦ୍ୱାରା ଏହା ଶିଶୁକୁ ପଶ୍ଚାତପତ୍ତନରୁ ଦୂରେଇ ରଖି ପାରିବ । ସୂଚିତ କରିବା ସମୟରେ ଏହା ସ୍ପଷ୍ଟ କରିବାକୁ ପଡ଼ିବ ଯେ ଶିଶୁମାନଙ୍କର ଶିକ୍ଷଣ କୃତିର ବୃଦ୍ଧି ସକାଶେ କିଏ କ'ଣ କରିବ । ଲିପିବଦ୍ଧ କରିବାର କାର୍ଯ୍ୟାବଳୀଗୁଡ଼ିକ ଉପରେ ଆଧାରିତ ହୋଇ, ସୂଚିତ କରିବା ବିଭିନ୍ନ ଉପଭୋକ୍ତାଙ୍କ ପାଇଁ ଭିନ୍ନଭିନ୍ନ ହେବାକୁ ପଡ଼ିବ । ପ୍ରତ୍ୟେକ ଉପଭୋକ୍ତାଙ୍କର ନିଜ ପାଇଁ କେତେକ କାର୍ଯ୍ୟ ବିନ୍ଦୁ ରହିଅଛି । ଉଦାହରଣ ସ୍ୱରୂପ, ଯଦି ଏକ ଶିଶୁ ଅପରିଚ୍ଛନ୍ନ ଅଟେ, ତେବେ ପିତାମାତାମାନଙ୍କୁ ସୂଚିତ କରାଯିବା ଦରକାର ଯେ ଯଦି ଶିଶୁଟି ସଫା ପୋଷାକ ଓ କେଶ କୁଣ୍ଡାଇ ବିଦ୍ୟାଳୟକୁ ଆସେ ତେବେ ସେ ନିଜର ସାଙ୍ଗସାଥୀମାନଙ୍କ ସହ ଉତ୍ତମ ରୂପେ ମିଶି ପାରିବ । ଯଦି ଏକ ଶିଶୁ ଇଂରାଜୀ ଶ୍ରେଣୀକୁ ନ ଯାଉଥିବାର ଦେଖାଯାଏ ତେବେ ସେହି ନିର୍ଦ୍ଦିଷ୍ଟ ଇଂରାଜୀ ଶିକ୍ଷକଙ୍କ ସକାଶେ ସୂଚିତ କରିବାରେ ଶିଶୁକୁ ବ୍ୟକ୍ତିଗତ ଧ୍ୟାନ ପ୍ରଦାନ ସକାଶେ କିଛି ବିଷୟ ରହିବା ଦରକାର । ସମସ୍ତଙ୍କ ସକାଶେ ସୂଚିତ କରିବା, ସମାନ କରିବାର ପରିବର୍ତ୍ତେ, ଏହା ଚିନ୍ତା କରାଯାଇପାରେ ଯେ ବ୍ୟକ୍ତିଗତ ସାମର୍ଥ୍ୟ ଓ ଦୁର୍ବଳତାକୁ ସୂଚିତ କରିବା ପାଇଁ ଏହା କିପରି ଅଧିକ ନମନୀୟ କରାଯାଇ ପାରିବ ।

ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ଦୃଷ୍ଟିରୁ ସୂଚିତ କରିବା ସମୟ ନିର୍ଘଣ୍ଟ ଅତୀବ ଗୁରୁତ୍ୱପୂର୍ଣ୍ଣ ଅଟେ ।

ନିର୍ଦ୍ଦିଷ୍ଟ ଭାବରେ ବୌଦ୍ଧିକ କ୍ଷେତ୍ରର ଆକଳନ ପରେ ପରେ ତତ୍‌କ୍ଷଣାତ୍ ଛାତ୍ରଛାତ୍ରୀମାନଙ୍କ ସହ ଆକଳନ ନଥିପତ୍ର ନିହାତି ବିନିମୟ କରାଯିବା ଆବଶ୍ୟକ ଯଦ୍ୱାରା ସେମାନେ ଶୀଘ୍ର ପ୍ରତିପୁଷ୍ଟି ପାଆନ୍ତି । ଅବଶ୍ୟ, ପ୍ରତ୍ୟେକ ପ୍ରର୍ଯ୍ୟାୟ ଶେଷରେ ଆକଳନ ନଥିପତ୍ର ପିତାମାତାମାନଙ୍କ ସହ ବିନିମୟ ହେବା ଦରକାର । ଆକଳନ ନଥିପତ୍ର ପ୍ରଧାନ ଶିକ୍ଷକଙ୍କ ନଜରକୁ ଅଣାଯିବା ଆବଶ୍ୟକ ଯେତେବେଳେ କି ସେ ବର୍ଷ ଆରମ୍ଭରୁ ଶୈକ୍ଷିକ ଯୋଜନାରେ କାର୍ଯ୍ୟରତ ଥିବେ । ବିଷୟ ଶିକ୍ଷକ ନିଜର ଛାତ୍ରଛାତ୍ରୀମାନଙ୍କ ସକାଶେ ସଂଶୋଧନ ଅଥବା ସମୃଦ୍ଧିକରଣ କାର୍ଯ୍ୟମାନ ଆରମ୍ଭ କରିବା ସକାଶେ ସେହି ନଥିପତ୍ରଗୁଡ଼ିକୁ ପାଇବା ଆବଶ୍ୟକ । ଯେତେବେଳେ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିତ୍ୟାଗ କରିବେ ଅଥବା ଅନ୍ୟତ୍ର ନାମ ଲେଖାଇବେ ନିଜର ଗତି ସହିତ ଆକଳନ ତଥ୍ୟ ଆଧାରିତ ପାର୍ଶ୍ୱଚିତ୍ରକୁ ସ୍ଥାନାନ୍ତରଣ କରାଯିବା ଆବଶ୍ୟକ ।

---

**E-୧. ନିମ୍ନଲିଖିତ ପ୍ରତ୍ୟେକଙ୍କର ସକାଶେ ସୂଚିତ କରିବାର ଏକ ନିହିତାର୍ଥ ବ୍ୟକ୍ତ କର । ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ।**

---

### ୧୬.୨.୨ ଶିକ୍ଷଣ ଅଗ୍ରଗତି ସୂଚିତ କରିବାର ପ୍ରକ୍ରିୟା

ଶିଶୁକୁ ବୁଝିବା ଓ ତାହାର ଶିକ୍ଷଣକୁ ଆଗେଇନେବା ପାଇଁ ପୁରୁଣା କାଳିଆ ନମ୍ବର ପଦ୍ଧତି ମାଧ୍ୟମରେ ସୂଚିତ କରିବା ଯଥେଷ୍ଟ ଭଲ ନୁହେଁ । ଇଂରାଜୀରେ ଏକ ସରଳ ପ୍ରାପ୍ତାଙ୍କ ୪୫ ଜଣେ ଶିକ୍ଷାର୍ଥୀ ଉପରେ ହୋଇଥିବା ପରୀକ୍ଷଣରେ ସେ କେତେ ଭଲ କରିଛି ତାହା ସୂଚିତ କରି ନଥାଏ । କେତେକ ଅନ୍ୟାନ୍ୟ ନିର୍ଦ୍ଦିଷ୍ଟ ସୂଚନା ବିନା ସେହି ଅଙ୍କକୁ ଅର୍ଥ ପ୍ରଦାନ କରିବା ଓ ପ୍ରାସଙ୍ଗିକ ଉପସଂହାରଗୁଡ଼ିକରେ ପହଞ୍ଚିବା ସମ୍ଭବପର ହୋଇ ନଥାଏ । ତେଣୁ ଏକ କଞ୍ଚା ପ୍ରାପ୍ତାଙ୍କ ମାଧ୍ୟମରେ କୌଣସି ଏକ ପ୍ରାପ୍ତାଙ୍କକୁ ବ୍ୟାଖ୍ୟା କରାଯିବା ଉଚିତ୍ ନୁହେଁ । ସୋଫୀ ଦ୍ୱାରା ଇଂରାଜୀରେ ପ୍ରାପ୍ତ ୪୫ ନମ୍ବର ଅର୍ଥ ହେଲା, ସେ ସେହି ବିଷୟରେ ଭଲ କରିନାହିଁ । ଏହାକୁ ଉତ୍ତମ ରୂପେ ବୁଝିବା ସକାଶେ, ନିମ୍ନଲିଖିତ କାର୍ଯ୍ୟକୁ ଅନୁସରଣ କର ।

**ଶିକ୍ଷଣ କାର୍ଯ୍ୟ - ୧**

ଚାଲନ୍ତୁ ସୋଫୀଙ୍କର ଇଂରାଜୀରେ ନିମ୍ନରେ ପ୍ରଦତ୍ତ କୃତି ସଂପର୍କିତ ସୂଚନାକୁ ବିଚାର କରିବା ।

- ଏହା ସାଧାରତଃ ଏହି ବିଷୟରେ ପ୍ରାପ୍ତ ହୋଇଥିବା ସର୍ବୋଚ୍ଚ ପ୍ରାପ୍ତାଙ୍କ ହେଉଛି ୭୦ ।
- ସେହି ଶ୍ରେଣୀରେ ଏକ ଶିକ୍ଷାର୍ଥୀ ପ୍ରାପ୍ତ କରିଥିବା ସର୍ବୋଚ୍ଚ ପ୍ରାପ୍ତାଙ୍କ ହେଉଅଛି ୫୩ ।
- ସେହି ଶ୍ରେଣୀରେ ସର୍ବନିମ୍ନ ପ୍ରାପ୍ତାଙ୍କ ହେଉଅଛି ୧୨ ।
- ସେହି ଶ୍ରେଣୀରେ ହାରହାରି ପ୍ରାପ୍ତାଙ୍କ ହେଉଛି ୨୭ ।
- ତାହାର ଶ୍ରେଣୀ କେବଳ ୭ ପ୍ରତିଶତ ଛାତ୍ରଛାତ୍ରୀ ୪୫ରୁ ଅଧିକ ନମ୍ବର ରଖି ଅଛନ୍ତି ।
- ପୂର୍ବ ପରୀକ୍ଷାରେ ସୋଫୀ ଇଂରାଜୀରେ ୩୬ ନମ୍ବର ରଖିଅଛି ।
- ସୋଫୀ ଇଂରାଜୀ ଶ୍ରେଣୀରେ ନିୟମିତ ଭାବେ ଯୋଗଦାନ କରନ୍ତି ।
- ସୋଫୀର ଇଂରାଜୀ ବିଷୟ ପ୍ରତି ଏକ ଭଲ ପାଇବା ରହିଅଛି ।
- ସୋଫୀର ଇଂରାଜୀରେ କୃତି ଉପରେ ଆପଣଙ୍କର ଏକ ଉପସଂହାର ନିର୍ଣ୍ଣୟ କରନ୍ତୁ ।

ସେଥି ସକାଶେ ଆକଳନ ତଥ୍ୟର ଲିପିବଦ୍ଧ ଓ ସୂଚିତ କରିବା ସମ୍ପୂର୍ଣ୍ଣ ଓ ଅର୍ଥପୂର୍ଣ୍ଣ ସେତେବେଳେ ହୋଇଥାଏ ଯେତେବେଳେ ଏହା ପୂର୍ବ କୃତି, ଉଭୟ ବୌଦ୍ଧିକ ଓ ସହବୌଦ୍ଧିକ ଉପାଦାନଗୁଡ଼ିକର ଆକଳନ, କୃତି ସୂଚକ ଓ ଏହିପରି ସବୁ କାରକମାନଙ୍କୁ ଅନ୍ତର୍ଭୁକ୍ତ କରିଥାଏ । ତୁମର ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ଆକଳନର ଫଳାଫଳଗୁଡ଼ିକୁ ଲିପିବଦ୍ଧ କରିବା ସମୟରେ ତୁମେ

ନିମ୍ନଲିଖିତ ପ୍ରସଙ୍ଗଗୁଡ଼ିକୁ ଧ୍ୟାନଦେବା ଆବଶ୍ୟକ ।

- ବ୍ୟକ୍ତିଗତ ଭାବରେ ଲିପିବଦ୍ଧ କରାଯିବା ଦରକାର ।
- ତଥ୍ୟର ପ୍ରକାରଭେଦ ଓ ଯେଉଁ ଉପାୟରେ ଏହା ସୃଷ୍ଟି ହୋଇଅଛି ତାହା ଉପରେ ନିର୍ଭରଶୀଳ ହୋଇ ଲିପିବଦ୍ଧ କରିବା ଫର୍ଦ୍ଦ ପରିବର୍ତ୍ତନ ହୋଇଥାଏ ।
- ପ୍ରମାଣ ଉପରେ ଆଧାରିତ ହୋଇ ବସ୍ତୁନିଷ୍ଠ ଭାବରେ ଲିପିବଦ୍ଧ କରିବା କାର୍ଯ୍ୟ କରାଯିବ ।
- ଗୁଣାତ୍ମକ ତଥ୍ୟଗୁଡ଼ିକ ଲିପିବଦ୍ଧ କରିବା ସମୟରେ, ଅତ୍ୟଧିକ ଭାବେ ସାଧାରଣ ନହୋଇ ବର୍ଣ୍ଣନା ସଂକ୍ଷେପରେ ବ୍ୟକ୍ତ ହେବା ଆବଶ୍ୟକ ।
- ସମସ୍ତ ଉପଭୋକ୍ତାଙ୍କ ଦ୍ୱାରା ସ୍ପଷ୍ଟ ଓ ସହଜ ଭାବରେ ବୋଧଗମ୍ୟ ହେବା ସକାଶେ କୌଣସି ବୃତ୍ତି ଭାଷା ବିନା ଅଧିକ ସରଳ ଭାଷା ବ୍ୟବହାର କର ।
- ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣର ସ୍ତର ବୃଦ୍ଧି ହେବା ପାଇଁ ଲିପିବଦ୍ଧ କରିବା କାର୍ଯ୍ୟ ସକରାତ୍ମକ ଓ ସାହାଯ୍ୟକାରୀ ମନୋବୃତ୍ତି ନେଇ କରାଯିବା ଦରକାର । ଲିପିବଦ୍ଧ କରିବା ଦୋଷ/ତ୍ରୁଟି ଖୋଜିବାର ଏକ ଅନୁଶୀଳନୀ ନହେବା ଉଚିତ୍ ।
- ନିଜର ସ୍ତରରେ ଉପଯୁକ୍ତ ସହାୟତା ଯୋଗାଇ ଦେବା ପାଇଁ ଲିପିବଦ୍ଧ ହୋଇଥିବା ତଥ୍ୟଗୁଡ଼ିକ ବିଭିନ୍ନ ଉପଭୋକ୍ତାଙ୍କ ମଧ୍ୟରେ ବିନିମୟ ହେବା ଆବଶ୍ୟକ ।
- ଆକଳନ ତଥ୍ୟ ଏପରି ଭାବେ ଲିପିବଦ୍ଧ ହେବା ଆବଶ୍ୟକ ଯେପରିକି ଲିପିବଦ୍ଧ ହୋଇଥିବା ତଥ୍ୟରୁ ବିଭିନ୍ନ ଉପଭୋକ୍ତାମାନଙ୍କ ପାଇଁ କାର୍ଯ୍ୟ ଉନ୍ନୟନ ସୂଚକମାନ ସ୍ପଷ୍ଟ ରୂପେ ଦୃଶ୍ୟମାନ ହେବ ।

ଚାଲନ୍ତୁ, ଷଷ୍ଠରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କର ଉପଲବ୍ଧିଗୁଡ଼ିକୁ ଲିପିବଦ୍ଧ କରିବା ପାଇଁ ଏକ କୃତି / କାର୍ଯ୍ୟ ସଂପାଦାନ ବିବରଣୀ ପତ୍ର ନକ୍ସାଙ୍କନ କରିବା । କୃତି / କାର୍ଯ୍ୟ ସଂପାଦାନ ବିବରଣୀ ପତ୍ରରେ ସଂପାଦାନ ସୂଚକ ଗୁଡ଼ିକ ସ୍ପଷ୍ଟ ଭାବରେ ସୂଚିତ ହେବା ଦରକାର । ଏହା ବୌଦ୍ଧିକ କ୍ଷେତ୍ରଗୁଡ଼ିକ ସକାଶେ ନିମ୍ନଲିଖିତ ୫ଟି ପ୍ରସଙ୍ଗ ମୂଲ୍ୟାୟନର ମାପକ ରୂପ ନେଇପାରେ ।

| | | |
|---|---|---|
| କ) | ଶ୍ରେଣୀ/ଗ୍ରେଡ୍ ୮୦ ପ୍ରତିଶତ ଓ ତତୋଧିକ | ଉତ୍କୃଷ୍ଟ |
| ଖ) | ଶେଣୀ/ଗ୍ରେଡ୍ ୬୫ ପ୍ରତିଶତ ଓ ୭୯ ପ୍ରତିଶତ | ଅଧିକ ଭଲ |
| ଗ) | ଶେଣୀ/ଗ୍ରେଡ୍ ୫୦ ପ୍ରତିଶତ ଓ ୬୪ ପ୍ରତିଶତ | ଭଲ |
| ଘ) | ଶେଣୀ/ଗ୍ରେଡ୍ ୩୫ ପ୍ରତିଶତ ଓ ୪୯ ପ୍ରତିଶତ | ସାଧାରଣ |
| ଙ) | ଶେଣୀ/ଗ୍ରେଡ୍ ୩୫ ପ୍ରତିଶତରୁ କମ୍ | ବିଶେଷ ଧ୍ୟାନ ଆବଶ୍ୟକ |

ସହ ବୌଦ୍ଧିକ ଓ ସହ ପାଠ୍ୟକ୍ରମ ସମ୍ବନ୍ଧୀୟ କ୍ଷେତ୍ରରେ ଏହା ୩- ପ୍ରସଙ୍ଗ ମୂଲ୍ୟାୟନ ମାପକ ରୂପ ନେଇପାରେ ।

| | | |
|---|---|---|
| କ) | ଶ୍ରେଣୀ/ଗ୍ରେଡ୍ | ଅଧିକ ଭଲ |
| ଖ) | ଶେଣୀ/ଗ୍ରେଡ୍ | ଭଲ |
| ଗ) | ଶେଣୀ/ଗ୍ରେଡ୍ | ଅଧିକତର ଯତ୍ନ ଆବଶ୍ୟକ । |

**ଛାତ୍ରଛାତ୍ରୀମାନଙ୍କର କୃତି / କାର୍ଯ୍ୟ ସଂପାଦନ ପତ୍ର**

କ) ଜଣେ ଶିକ୍ଷାର୍ଥୀର ପରିଚୟ

ଶିକ୍ଷାର୍ଥୀଙ୍କର ନାମ.....................................................

ବିଦ୍ୟାଳୟର ନାମ.....................................................

ଶ୍ରେଣୀ............... ବିଭାଗ........... ରୋଲନମ୍ବର......... ବର୍ଷ..............

ଟିପ୍ପଣୀ

## ଖ) ବୌଦ୍ଧିକ କ୍ଷେତ୍ର ଗୁଡିକର କୃତି

| କ୍ରମିକ ସଂଖ୍ୟା | ବିଷୟ | ପ୍ରର୍ଯ୍ୟାୟ - ୧ ନମ୍ବର/ଶ୍ରେଣୀ/(ଗ୍ରେଡ଼) | | | | | ପ୍ରର୍ଯ୍ୟାୟ - ୨ ନମ୍ବର/ଶ୍ରେଣୀ/(ଗ୍ରେଡ଼) | | | | | ପ୍ରର୍ଯ୍ୟାୟ - ୩ ନମ୍ବର/ଶ୍ରେଣୀ/(ଗ୍ରେଡ଼) | | | | |
|---|---|---|---|---|---|---|---|---|---|---|---|---|---|---|---|---|
| | | ମୌ | ଲି | ପ୍ର | ସ | | ମୌ | ଲି | ପ୍ର | ସ | | ମୌ | ଲି | ପ୍ର | ସ | |
| | | | | | | | | | | | | | | | | |

(ମୌ- ମୌଖିକ, ଲି- ଲିଖିତ, ପ୍ର- ପ୍ରକଳ୍ପ, ସ- ସମଷ୍ଟି)

## ଗ). ସହ-ବୌଦ୍ଧିକ କ୍ଷେତ୍ର ଗୁଡିକର କୃତି

| କ୍ରମିକ ସଂଖ୍ୟା | ସହଶିକ୍ଷାସମ୍ବନ୍ଧୀୟ କ୍ଷେତ୍ର | ଶ୍ରେଣୀ (ଗ୍ରେଡ଼) ପ୍ରର୍ଯ୍ୟାୟ - ୧ | ଶ୍ରେଣୀ (ଗ୍ରେଡ଼) ପ୍ରର୍ଯ୍ୟାୟ - ୨ | ଶ୍ରେଣୀ (ଗ୍ରେଡ଼) ପ୍ରର୍ଯ୍ୟାୟ - ୩ |
|---|---|---|---|---|
| ୧ - | କଳା ଶିକ୍ଷା | | | |
| | କର୍ମାନୁଭୂତି | | | |
| | ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା | | | |

## ଘ) ବ୍ୟକ୍ତିଗତ - ସାମାଜିକ ଗୁଣାବଳୀ

| କ୍ରମିକ ସଂଖ୍ୟା | ବ୍ୟକ୍ତିଗତ ସାମାଜିକ ଗୁଣାବଳୀ | ଶ୍ରେଣୀ (ଗ୍ରେଡ଼) ପ୍ରର୍ଯ୍ୟାୟ - ୧ | ଶ୍ରେଣୀ (ଗ୍ରେଡ଼) ପ୍ରର୍ଯ୍ୟାୟ - ୨ | ଶ୍ରେଣୀ (ଗ୍ରେଡ଼) ପ୍ରର୍ଯ୍ୟାୟ - ୩ |
|---|---|---|---|---|
| ୧ - | | | | |
| ୨ - | | | | |
| ୩ - | | | | |
| ୪ - | | | | |
| ୫ - | | | | |

ଟିପ୍ପଣୀ

**ଦ୍ରଷ୍ଟବ୍ୟ:**

ନିମ୍ନଲିଖିତ ଗୁଣ ମଧ୍ୟରୁ ୫ ଗୋଟି ବ୍ୟକ୍ତିଗତ-ସାମାଜିକ ଗୁଣଗୁଡ଼ିକୁ ଚୟନ କରିବାକୁ ହେବ । ସ୍ୱଚ୍ଛତା, ସହଯୋଗ, ସମୟାନୁବର୍ତ୍ତିତା/ନିୟମିତତା, ଶୃଙ୍ଖଳା ଓ ଆଜ୍ଞାଧୀନତା, ଆବେଗିକ ସ୍ଥିରତା, ଆଦ୍ୟ ପଦକ୍ଷେପ, ଉତ୍ତରଦାୟୀ, ତତ୍ପରତା, ପରିବେଶଗତ ସଚେତନତା, ସହନଶୀଳତା, ଉତ୍ତମଗୁଣଗୁଡ଼ିକର ପ୍ରଶଂସା, ନେତୃତ୍ୱ, ସତ୍ୟବାଦିତା, ଦେଶପ୍ରେମ, ସାମାଜିକସେବା, ଭଦ୍ରତା, ଶ୍ରମର ମର୍ଯ୍ୟାଦା, ବୟସ୍କମାନଙ୍କୁ ସମ୍ମାନ, ପରିବେଶ ସୁରକ୍ଷା ଓ ସାଂସ୍କୃତିକ ପରମ୍ପରାର ସୁରକ୍ଷା

## ଙ) ସହ ଶୈକ୍ଷିକ କାଯ୍ୟାବଳୀ

| କ୍ରମିକ ସଂଖ୍ୟା | ସହ ଶିକ୍ଷାଗତ ଗତିବିଧି | ଶ୍ରେଣୀ (ଗ୍ରେଡ) ପ୍ରର୍ଯ୍ୟାୟ - ୧ | ଶ୍ରେଣୀ (ଗ୍ରେଡ) ପ୍ରର୍ଯ୍ୟାୟ - ୨ | ଶ୍ରେଣୀ (ଗ୍ରେଡ) ପ୍ରର୍ଯ୍ୟାୟ - ୩ |
|---|---|---|---|---|
| ୧ - | ସାହିତ୍ୟିକ (ପଠନ, ଆବୃତ୍ତି, ବିତର୍କ, ସୃଜନାତ୍ମକଲେଖା) | | | |
| ୨ - | ବୈଜ୍ଞାନିକ (କ୍ଲବ୍ ଗତିବିଧି,ପ୍ରକୃତି ଅଧ୍ୟୟନ,କମ୍ପ୍ୟୁଟର ସାକ୍ଷରତା) | | | |
| ୩- | କଳାତ୍ମକ (ଚିତ୍ରାଙ୍କନ,ଚିତ୍ରବିଦ୍ୟା,ସୂଚୀକାର୍ଯ୍ୟ,କାରିଗରି,ସ୍ଥାପତ୍ୟ) | | | |
| ୪- | ସାଂସ୍କୃତିକ (ସଙ୍ଗୀତ, ପ୍ରଦର୍ଶିତ କଳା) | | | |
| ୫- | ଶାରୀରିକ (ଅନ୍ତର୍ଗୃହ, ବହିଃର୍ଗୃହ, ଯୋଗ ବ୍ୟାୟାମ) | | | |
| ୬- | ବିବିଧ (ଫାଷ୍ଟଏଡ,ରେଡକ୍ରସ୍,ସ୍କାଉଟିଂ, ଏନ.ସି.ସି ଗତିବିଧି) | | | |

## ଚ) ଉପସ୍ଥାନ

| ପ୍ରର୍ଯ୍ୟାୟ - ୧ | | ପ୍ରର୍ଯ୍ୟାୟ - ୨ | | ପ୍ରର୍ଯ୍ୟାୟ - ୩ | |
|---|---|---|---|---|---|
| କାର୍ଯ୍ୟକାରୀ ଦିବସ ସଂଖ୍ୟା | ଉପସ୍ଥିତି | କାର୍ଯ୍ୟକାରୀ ଦିବସ ସଂଖ୍ୟା | ଉପସ୍ଥିତି | କାର୍ଯ୍ୟକାରୀ ଦିବସ ସଂଖ୍ୟା | ଉପସ୍ଥିତି |
| | | | | | |

ଟିପ୍ପଣୀ

ଛ) ମନ୍ତବ୍ୟ

| କ୍ରମିକ ସଂଖ୍ୟା | କାହାର ମନ୍ତବ୍ୟ | କାହାଉପରେ ମନ୍ତବ୍ୟ | ପର୍ଯ୍ୟାୟ-୧ | ପର୍ଯ୍ୟାୟ-୨ |
|---|---|---|---|---|
| ୧ - | ଶ୍ରେଣୀ ଶିକ୍ଷକ | ସାମର୍ଥ୍ୟ | | |
| | | ଉନ୍ନତିର କ୍ଷେତ୍ର | | |
| ୨ - | ପ୍ରଧାନଶିକ୍ଷକ/ଅଧ୍ୟକ୍ଷ | ସାମର୍ଥ୍ୟ | | |
| | | ଉନ୍ନତିର କ୍ଷେତ୍ର | | |
| ୩- | ପିତାମାତା | ସାମର୍ଥ୍ୟ | | |
| | | ଉନ୍ନତିର କ୍ଷେତ୍ର | | |

ଜ) ସ୍ୱାକ୍ଷର

ଅଭିଭାବକ ଶ୍ରେଣୀଶିକ୍ଷକ ପ୍ରଧାନଶିକ୍ଷକ/ଅଧ୍ୟକ୍ଷ

ଶିକ୍ଷଣ କାର୍ଯ୍ୟ - ୨

ଉପରେ ପ୍ରସ୍ତାବିତ ଫର୍ଦ୍ଦ ଅନୁସାରେ ଛାତ୍ରଛାତ୍ରୀମାନଙ୍କର କୃତି ଲିପିବଦ୍ଧ କରାଯାଇପାରିବ କି? ଏହା ଏକ ତୁରନ୍ତ ବ୍ୟବହାର ପାଇଁ ପ୍ରସ୍ତୁତ ଫର୍ଦ୍ଦ କି? ଯଦି ନୁହେଁ, ସ୍ଥାନୀୟ ଆବଶ୍ୟକତାକୁ ବିଚାରକୁ ନେଇ ତୁମେ କ'ଣ ପରିବର୍ତ୍ତନ କରିବାକୁ ଚାହିଁବ?

ଉପରେ ଆଲୋଚିତ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ସକାଶେ ବିବରଣୀ ପତ୍ରରେ ତୁମେ ନିଶ୍ଚିତ ଦେଖିଥିବ ଯେ, ଏହି ବିବରଣୀ ପତ୍ରଟି କେବଳ ତିନୋଟି ଦିଗ (ମୌଖିକ, ଲିଖିତ ଓ ପ୍ରକଳ୍ପ/ପ୍ରୟୋଗାତ୍ମକ/ଦତ୍ତ କାର୍ଯ୍ୟ)କୁ ସୂଚିତ କରିବା ନିର୍ଦ୍ଦିଷ୍ଟ ତିନୋଟି ପର୍ଯ୍ୟାୟରେ ବିଷୟ-ୱାରୀ ଆକଳନ ତଥ୍ୟ ଧାରଣ କରିଛି । କିନ୍ତୁ ତୁମେ ଏକ ଶିକ୍ଷକ ହିସାବରେ ଯଦି ତୁମେ ଶିକ୍ଷାଦାନ କରୁଥିବା ବିଷୟରେ ଏକ ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀର ଶିକ୍ଷଣ ସ୍ତର ବୃଦ୍ଧି କରିବା ସକାଶେ ଆଗ୍ରହୀ ହେବ, ତେବେ ଏହା ତୁମର ଲକ୍ଷ୍ୟକୁ ପୂରଣ କରିପାରବ ନାହିଁ। ତୁମକୁ ସେହି ବିଷୟର ଶିକ୍ଷଣ ପରିଣାମର ସୂଚକ ଗୁଡ଼ିକର ତାଲିକାକୁ ଚିହ୍ନଟ କରିବାକୁ ପଡ଼ିବ । ଅତି କମ୍‌ରେ ପ୍ରତ୍ୟେକ ଦିନ ୩ ରୁ ୫ ଜଣ ପିଲାଙ୍କୁ ପର୍ଯ୍ୟବେକ୍ଷଣ କରି ତୁମର ପୁସ୍ତିକାରେ ଏକ ସଂକ୍ଷିପ୍ତ ବିବରଣୀ ରଖ। ମାସ ଶେଷରେ ତୁମ ଶ୍ରେଣୀର ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କ ବାବଦରେ ନିଜର କେତେକ ପର୍ଯ୍ୟବେକ୍ଷଣ ରହିବ। ଏଗୁଡ଼ିକ ତୁମକୁ ନିଜ ଶିକ୍ଷାଦାନ ବିଷୟରେ ଏକ ତ୍ରୈମାସିକ ଅଗ୍ରଗତି ବିବରଣୀ ତିଆରି କରିବାରେ ସାହାଯ୍ୟ କରିବ। ଏହି ପ୍ରକ୍ରିୟା ଶିକ୍ଷାର୍ଥୀଙ୍କର ବିଷୟ ନିର୍ଦ୍ଦିଷ୍ଟ ସାମର୍ଥ୍ୟ ଓ ଦୁର୍ବଳତା ଚିହ୍ନଟ କରିବାରେ ତୁମକୁ ସହାୟତା କରିପାରେ।



ଟିପ୍ପଣୀ

E-୨

ବିଭିନ୍ନ ଶୈକ୍ଷିକ ଓ ସହ ଶୈକ୍ଷିକ କ୍ଷେତ୍ରଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତି ଲିପିବଦ୍ଧ କରିବା ପ୍ରକ୍ରିୟାରେ ଯେକୌଣସି ଚାରୋଟି ପ୍ରାଥକ୍ୟ ଦର୍ଶାଅ ଓ ଏହି ପ୍ରକ୍ରିୟାର ଭିନ୍ନତାର କାରଣଗୁଡ଼ିକ ସୂଚିତ କର ।

ଏଠାରେ ତୃତୀୟ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ାଯାଉଥିବା ପରିବେଶ ଅଧ୍ୟୟନ ସକାଶେ ସୂଚକ ଗୁଡ଼ିକର ଏକ ବିଶଦ ତାଲିକା ଉଦାହରଣ ରୂପେ ଦିଆଯାଇଛି । ପିଲାମାନେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା ସମ୍ପୂର୍ଣ୍ଣ କରିବା ସମୟରେ ନିମ୍ନଲିଖିତ ସୂଚକଗୁଡ଼ିକ ସହ ସେମାନଙ୍କର ସାମର୍ଥ୍ୟ ଓ ଧାରଣାଗୁଡ଼ିକ ବିକାଶ ହେବା ଆବଶ୍ୟକ । ଯାହାକି ଏକ ତିନିମାନକ ବିଶିଷ୍ଟ ମାପକ (୧,୨,୩) ଦ୍ୱାରା ମପା ଯାଇପାରେ, ଯେଉଁଥିରେ ୧ ଅର୍ଥ ସହାୟତା ଆବଶ୍ୟକ କରୁଛି ୨ ଅର୍ଥ ଭଲ ଓ ୩ ଅର୍ଥ ଅତି ଭଲ ।

ପଞ୍ଚମ ଶ୍ରେଣୀ ସକାଶେ ପରିବେଶଗତ ଅଧ୍ୟୟନ (ଇଭିଏସ୍)ରେ ଶିକ୍ଷଣ ଅଗ୍ରଗତି ଅଭିଲେଖନ

| କ୍ରମିକ ସଂଖ୍ୟା | ଦିଗ | ସୂଚକ | ପର୍ଯ୍ୟାୟ ଓ୍ୱାରୀ ମୂଲ୍ୟାୟନ | | |
|---|---|---|---|---|---|
| | | | ପର୍ଯ୍ୟାୟ-୧ | ପର୍ଯ୍ୟାୟ-୨ | ପର୍ଯ୍ୟାୟ-୩ |
| ୧ | ପର୍ଯ୍ୟବେକ୍ଷଣ ଓ ଲିପିବଦ୍ଧ କରିବା | ଗୋଟିଏ ବସ୍ତୁ, ଘଟଣା, ବା ଦୃଶ୍ୟ ପର୍ଯ୍ୟବେକ୍ଷଣ କରି ତଥ୍ୟ ଏକତ୍ରିକରଣ କରିବାକୁ ଇନ୍ଦ୍ରିୟର ବିନିଯୋଗ କରିବା | | | |
| | | ସମାନ ବସ୍ତୁ/ଘଟଣା ଗୁଡ଼ିକ ମଧ୍ୟରେ ତାରତମ୍ୟ ଚିହ୍ନଟ କରିବା | | | |
| | | ବିଭିନ୍ନ ବସ୍ତୁ/ଘଟଣା ଗୁଡ଼ିକ ମଧ୍ୟରେ ସମାନତା ଚିହ୍ନଟ କରିବା | | | |
| | | ବୃହତ୍ତର ବିଶଦବିବରଣୀକୁ ଧ୍ୟାନଦେବା । | | | |
| | | ଏକ ଅନୁକ୍ରମରେ ସଙ୍ଗଠିତ ଘଟଣାବଳୀର କ୍ରମକୁ ଚିହ୍ନିବା । | | | |
| | | ମୌଖିକ ଓ ଲିଖିତ ଉପସ୍ଥାପନା ମାଧ୍ୟମରେ ଏକ ଘଟଣା ବା ପ୍ରକ୍ରିୟାକୁ ସୂଚିତ କରିବା ଓ ବର୍ଣ୍ଣନା କରିବା । | | | |
| | | କ୍ରମାଗତ ଭାବେ ଜଟିଳତା ବୃଦ୍ଧି ସହ ଛବି, ମାନଚିତ୍ର ଓ ସାରଣୀ ପଠନ କରିବା | | | |
| ୨. | ଆଲୋଚନା | ଅନ୍ୟମାନଙ୍କ ଧାରଣା ଓ ମତାମତ ଗୁଡ଼ିକୁ ଶୁଣିବା | | | |

ଟିପ୍ପଣୀ

| କ୍ରମିକ ସଂଖ୍ୟା | ଦିଗ | ସୂଚକାଙ୍କ | କାଳାନୁଯାୟୀ ମୂଲ୍ୟାୟନ | | |
|---|---|---|---|---|---|
| | | | ପ୍ରର୍ଯ୍ୟାୟ-୧ | ପ୍ରର୍ଯ୍ୟାୟ-୨ | ପ୍ରର୍ଯ୍ୟାୟ-୩ |
| | | ଦଳରେ ନିଜର ଚିନ୍ତାଧାରା ଓ ମତାମତ ଗୁଡିକୁ ପ୍ରକାଶ କରିବା । | | | |
| | | ଅନ୍ୟମାନଙ୍କର ଧାରଣା ଓ ମତାମତ ଗୁଡିକୁ ପୁରାବୃତ୍ତି କରିବା ଓ ଉତ୍ତର ଦେବା | | | |
| | | ଅନ୍ୟମାନଙ୍କଠାରୁ ପ୍ରତିପୃଷ୍ଟି ଗ୍ରହଣ କରିବାରେ ଉନ୍ମୁକ୍ତ ହେବା ଓ ଅନ୍ୟମାନଙ୍କର ରହିଥିବା ଭିନ୍ନ ଦୃଷ୍ଟିକୋଣକୁ ପ୍ରଶଂସା କରିବା | | | |
| | | ଅନ୍ୟର ପ୍ରତିପୃଷ୍ଟି ଉପରେ ନିର୍ଭରକରି ନିଜର ଚିନ୍ତା ଓ ଧାରଣାଗୁଡିକର ବିଶ୍ଳେଷଣ କରିବା | | | |
| | | ଅନ୍ୟ ଲୋକ,ଏପରିକି ବିଦ୍ୟାଳୟ ବାହାରର ଅଜଣା ଲୋକମାନଙ୍କଠାରୁ ନିର୍ଣ୍ଣୟ ଖୋଜିବା । | | | |
| ୩ | ଅଭିବ୍ୟକ୍ତି / ପ୍ରକାଶନ | ମୌଖିକ ଭାବରେ ପ୍ରକାଶ କରିବା | | | |
| | | ଅଙ୍ଗଭଙ୍ଗୀ, ଶରୀରିକ ଭାଷା, ଚିକିଟାମାଟି ରେ ମୂର୍ତ୍ତିକରି ନିଜକୁ ପ୍ରକାଶ କରିବା | | | |
| | | ଚିତ୍ରାଙ୍କନ ମାଧ୍ୟମରେ ପ୍ରକାଶ କରିବା । ଏକ ସ୍ଥାନର ଚିତ୍ରାଙ୍କନ କରିବା ଏକ ସାଙ୍କେତିକା/ପ୍ରତୀକାତ୍ମକ ମାନଚିତ୍ର କରିବା ଠାରୁ ଭିନ୍ନ; ସରଳ ମାନଚିତ୍ର ଗୁଡିକର ଅଙ୍କନ କରିବାକୁ ମୌଳିକ ସାମର୍ଥ୍ୟରୁ ବିକାଶ କରିବା । | | | |
| | | ସୃଜନାତ୍ମକ ଲିଖନ ମାଧ୍ୟମରେ ଜଣେ ନିଜର ଧାରଣ ଓ ଭାବନାକୁ ପ୍ରକାଶ କରିବା | | | |
| ୪ | ବ୍ୟାଖ୍ୟାକରଣ | ଏକ ଅବଲୋକିତ ଘଟଣା / କାର୍ଯ୍ୟ ସକାଶେ ଜଣେ ନିଜର ଯୁକ୍ତିକୁ ବ୍ୟବସ୍ଥିତ କରିବା | | | |



ଟିପ୍ପଣୀ

| କ୍ରମିକ ସଂଖ୍ୟା | | ସୂଚକାଙ୍କ | କାଳାନୁଯାୟୀ ମୂଲ୍ୟାୟନ | | |
|---|---|---|---|---|---|
| | | | ପର୍ଯ୍ୟାୟ-୧ | ପର୍ଯ୍ୟାୟ-୨ | ପର୍ଯ୍ୟାୟ-୩ |
| | | ଜଣେ ନିଜର ଯୁକ୍ତି ସଂପର୍କରେ ନିର୍ଣ୍ଣୟକ ଭାବେ ଚିନ୍ତା କରିବା । | | | |
| | | ତର୍କସଙ୍ଗତ ସମ୍ପର୍କଗୁଡ଼ିକୁ ପ୍ରସ୍ତୁତ କରିବା | | | |
| | | ନୀତି ବା ଧାରଣା ଆଧାରରେ ପର୍ଯ୍ୟବେକ୍ଷଣ ବା ସଂପର୍କକୁ ବ୍ୟାଖ୍ୟା କରିବାକୁ ସରଳ ପରିକଳ୍ପନା କରିବା | | | |
| | | ଏକ ଘଟଣା/କାର୍ଯ୍ୟର ଏକାଧିକ ସମ୍ଭାବ୍ୟ ବ୍ୟାଖ୍ୟା ହୋଇପାରିବ ଏହା ଚିହ୍ନଟ କରିବା । | | | |
| | | ଅଧିକ ପ୍ରମାଣ ଏକତ୍ର କରି ବ୍ୟାଖ୍ୟାଗୁଡ଼ିକର ପରୀକ୍ଷଣ କରିବା ଆବଶ୍ୟକତାକୁ ଚିହ୍ନଟ କରିବା | | | |
| | | ତଥ୍ୟ ଅଥବା ସରଞ୍ଜନା ଗୁଡ଼ିକୁ ବ୍ୟବହାର କରି ପୂର୍ବାନୁମାନ କରିବା ଯେପରି ଅନୁମାନକରୁ ଭିନ୍ନ ଯାହାକି ପ୍ରମାଣ ଆବଶ୍ୟକ କରି ନଥାଏ । | | | |
| ୫ | ବର୍ଗୀକରଣ | ପର୍ଯ୍ୟବେକ୍ଷଣଯୋଗ୍ୟ ଲକ୍ଷଣ ଆଧାରରେ ବସ୍ତୁସମୂହକୁ ଚିହ୍ନଟ କରିବା । ବସ୍ତୁ ସମୂହ ଭିତରେ ଥିବା ପ୍ରଭେଦ / ବୈଷମ୍ୟଗୁଡ଼ିକୁ ଚିହ୍ନଟ କରିବା । ବସ୍ତୁ ସମୂହ ମଧ୍ୟରେ ଥିବା ସମାନତାକୁ ଚିହ୍ନଟ କରିବା ଏକଥରକେ ଏକ ଚଳନ ଆଧାରରେ ବସ୍ତୁଗୁଡ଼ିକୁ ଶ୍ରେଣୀଭୁକ୍ତ କରିବା । | | | |
| ୬ | ପ୍ରଶ୍ନ ପଚାରିବା | ବସ୍ତୁ,ଘଟଣା ଓ ଜନ-ସାଧାରଣ ଙ୍କ ବାବଦରେ ସୂଚନା ପାଇବା ପାଇଁ ପ୍ରଶ୍ନ ଗୁଡ଼ିକ ପଚାରିବା | | | |
| | | ଗଭୀରତମ ବିଶ୍ଳେଷଣକୁ ସାହାଯ୍ୟ କରୁଥିବା ନିର୍ଣ୍ଣୟାତ୍ମକ ପ୍ରଶ୍ନଗୁଡ଼ିକୁ ଉତ୍ଥାପନ କରିବା | | | |

| କ୍ରମିକ ସଂଖ୍ୟା | ଦିଗ | ସୂଚକାଙ୍କ | କାଳାନୁଯାୟୀ ମୂଲ୍ୟାୟନ | | |
|---|---|---|---|---|---|
| | | | ପର୍ଯ୍ୟାୟ-୧ | ପର୍ଯ୍ୟାୟ-୨ | ପର୍ଯ୍ୟାୟ-୩ |
| | | ଅନୁକଳ୍ପନା ଗୁଡିକ ଉପରେ ଆଧାରିତ ପ୍ରଶ୍ନମାନ ପଚାରିବା | | | |
| | | ସେମାନଙ୍କ ନିଜ ଅନୁସନ୍ଧାନ ଗୁଡିକ ଦ୍ୱାରା ଉତ୍ତର ପ୍ରଦାନ କରା ଯାଇପାରିବା ଭଳି ପ୍ରଶ୍ନଗୁଡିକୁ ଚିହ୍ନଟ କରିବା | | | |
| | | ଅନୁସନ୍ଧାନ ଦ୍ୱାରା ଉତ୍ତର ପ୍ରଦାନ କରାଯାଇ ପାରୁନଥିବା ଭଳି କେତେକ ପ୍ରଶ୍ନକୁ ଚିହ୍ନଟ କରିବା | | | |
| ୭ | ବିଶ୍ଳେଷଣ | ସେମାନଙ୍କ ନିଜ ଭାଷାରେ ପରିସ୍ଥିତି/ଘଟଣାର ସଂଜ୍ଞା ପ୍ରଦାନ କରିବା | | | |
| | | ଯେକୌଣସି ଘଟଣା/ଦୃଶ୍ୟର ସମ୍ଭାବ୍ୟ କାରଣ ଗୁଡିକୁ ଚିହ୍ନିବା / ପୂର୍ବାନୁମାନ କରିବା | | | |
| | | ସିଦ୍ଧାନ୍ତ ଗୁଡିକର ସଂରଚନା ସହିତ ମେଳ ହେଉନଥିବା ପ୍ରମାଣ ଗୁଡିକୁ ଯାଞ୍ଚ କରିବା | | | |
| | | ସମସ୍ତ ଉପସଂହାର ନୂତନ ତଥ୍ୟ ଦ୍ୱାରା ଆହ୍ୱାନ ପାଇଁ ଉନ୍ମୁକ୍ତ ହେବା ଓ ଯେତେବେଳେ ପ୍ରମାଣର ଭିନ୍ନ ଏକ ଉତ୍ତମ ବୋଧର ନିର୍ଣ୍ଣୟ ହଏ, ଧାରଣା ଗୁଡିକ ପରିବର୍ତ୍ତନ କରିବା । | | | |
| | | ଅଭିଜ୍ଞତା/ପରୀକ୍ଷଣ ଗୁଡିକ ମାଧ୍ୟମରେ ପ୍ରାପ୍ତ କରା ଯାଇଥିବା ପ୍ରମାଣ ଆଧାରିତ ଅନୁମାନ ଗୁଡିକର ନିର୍ଣ୍ଣୟ କରିବା | | | |
| ୮ | ପରୀକ୍ଷଣ | ଜିନିଷ ଅଥବା ଉପକରଣ ଗୁଡିକୁ ସଯତ୍ନ ବ୍ୟବହାର କରିବା ବ୍ୟକ୍ତିଗତ ଭାବରେ ଅଥବା ଦଳରେ | | | |

ଟିପ୍ପଣୀ

| କ୍ରମିକ ସଂଖ୍ୟା | ଦିଗ | ସୂଚକାଙ୍କ | କାଳାନୁଯାୟୀ ମୂଲ୍ୟାୟନ | | |
|---|---|---|---|---|---|
| | | | ପର୍ଯ୍ୟାୟ-୧ | ପର୍ଯ୍ୟାୟ-୨ | ପର୍ଯ୍ୟାୟ-୩ |
| | | ପ୍ରଣାଳୀବଦ୍ଧ ସୋପାନଗୁଡିକ ମାଧ୍ୟମରେ ବ୍ୟକ୍ତିଗତଭାବେ ଅଥବା ଦଳରେ କାର୍ଯ୍ୟ କରିବା | | | |
| | | ସଜୀବ ପ୍ରାଣୀ ମାନଙ୍କ ସକାଶେ ଯତ୍ନ ଓ ସମ୍ମାନ ପ୍ରଦର୍ଶନ କରିବା । | | | |
| | | ବସ୍ତୁ ଗୁଡିକର ନ୍ୟୁନତମ ଅପଚୟ ସକାଶେ ଚିନ୍ତା ପ୍ରକଟ କରିବା; ପୁନଃ ବ୍ୟବହାର ଓ ପୁନଃ ପ୍ରକ୍ରିୟାକରଣ ସକାଶେ ଚେଷ୍ଟା କରିବା | | | |
| | | ତୁଳନାଗୁଡିକ କରିବା ପାଇଁ ଓ ପଠନ ଗୁଡିକ ନେବା ପାଇଁ ମାନକ ଓ ଅଣମାନଙ୍କ ପରିମାପ ଗୁଡିକର ବ୍ୟବହାର କରିବା | | | |
| | | ସେମାନଙ୍କ ନିଜର ନୂତନ ଜିନିଷ ଗୁଡିକର ସୃଷ୍ଟି ଓ ଉନ୍ନତିକରଣ | | | |
| ୯ | ନ୍ୟାୟ ଓ ସମାନତା ପାଇଁ ସମ୍ପର୍କ | ବିଭିନ୍ନ ଜୀବନ ଅଭିଜ୍ଞତା/ ସଂସ୍କୃତିରୁ ଶିଶୁମାନଙ୍କର ମତଗୁଡିକୁ ମାନ୍ୟ ପ୍ରଦାନ କରିବା | | | |
| | | ବଂଚିତ ଓ ଭିନ୍ନକ୍ଷମମାନଙ୍କ ପ୍ରତି ସମ୍ବେଦନଶୀଳ ହେବ । | | | |
| | | ପରିବାର ଓ ସମାଜରେ ଅସମାନତା ଗୁଡିକ ପ୍ରତି ସଚେତନ ହେବା । ଚିନ୍ତା ଓ ପ୍ରଶ୍ନ କରିବାକୁ ସମର୍ଥ ହେବା | | | |
| | | ନ୍ୟାୟ ସକାଶେ ଦୃଢ ବୋଧ ରହିବା ଓ ସାମାନ୍ୟ କାରଣ ପାଇଁ କାର୍ଯ୍ୟକରବାକୁ ପ୍ରସ୍ତୁତ ରହିବା | | | |
| ୧୦ | ସହଯୋଗ | ଜଣକର ନିଜର ସାମର୍ଥ୍ୟ ଓ ଦୁର୍ବଳତାକୁ ଗ୍ରହଣ କରିବା | | | |
| | | ଅନ୍ୟମାନଙ୍କର ଦୃଷ୍ଟି କୋଣ ଗୁଡିକୁ ପ୍ରଶଂସା କରିବା | | | |

ଟିପ୍ପଣୀ

| କ୍ରମିକ ସଂଖ୍ୟା | ଦିଗ | ସୂଚକାଙ୍କ | କାଳାନୁଯାୟୀ ମୂଲ୍ୟାୟନ | | |
|---|---|---|---|---|---|
| | | | ପ୍ରର୍ଯ୍ୟାୟ-୧ | ପ୍ରର୍ଯ୍ୟାୟ-୨ | ପ୍ରର୍ଯ୍ୟାୟ-୩ |
| | | ସାମୂହିକ କାର୍ଯ୍ୟ କରିବା ସକାଶେ ସ୍ୱତଃ ପ୍ରେରଣା/ ଉତ୍ତରଦାୟିତ୍ୱ ନେବା | | | |
| | | ଅନ୍ୟମାନଙ୍କ ସହ କାମ କରିବା ଓ ବିନିମୟ କରିବା । ଅନ୍ୟ ମାନଙ୍କ ପ୍ରତି ବିଚାର ଶୀଳ ଓ ସାହାଯ୍ୟକାରୀ ହେବା । | | | |

**ପଞ୍ଚମ ଶ୍ରେଣୀ ପାଇଁ ଭାଷାରେ ଶିକ୍ଷଣ କୃତି ଲିପିବଦ୍ଧ କରିବା**

ଭାଷା ଶିକ୍ଷଣ ଅର୍ଥ ଚାରୋଟି ଭାଷା ଦକ୍ଷତା ଆହରଣ ଯଥା ଶୁଣିବା, କହିବା, ପଢିବା ଓ ଲେଖିବା । ତେଣୁ ଶିକ୍ଷାର୍ଥୀର ଦୈନନ୍ଦିନ ଶ୍ରେଣୀ କାର୍ଯ୍ୟ ପର୍ଯ୍ୟବେକ୍ଷଣ ଆଧାରରେ ନିର୍ଦ୍ଦିଷ୍ଟ ତିନି ପର୍ଯ୍ୟାୟ ଅବଧି ମଧ୍ୟରେ ପ୍ରତ୍ୟେକ ଦକ୍ଷତା ଅଧିନରେ ସାମର୍ଥ୍ୟଗୁଡିକୁ ଲିପିବଦ୍ଧ କରିବା ପାଇଁ ପରିବେଶ ଅଧ୍ୟୟନର ସୂଚକ ମାପନ ନିମିତ୍ତ ବ୍ୟବହୃତ ହୋଇଥିବା ସେହି ତିନି ମାପକ ବିଶିଷ୍ଟ ମାପନକୁ ତୁମେ ବ୍ୟବହାର କରିପାର ।

| କ୍ରମିକ ସଂଖ୍ୟା | ଆକଳନର ପ୍ରସଙ୍ଗ | ସୂଚକାଙ୍କ | କାଳାନୁଯାୟୀ ମୂଲ୍ୟାୟନ | | |
|---|---|---|---|---|---|
| | | | ପର୍ଯ୍ୟାୟ-୧ | ପର୍ଯ୍ୟାୟ-୨ | ପର୍ଯ୍ୟାୟ-୩ |
| ୧ | ଶୁଣିବା | ମୌଖିକ ପାଠଗୁଡିକର ଏକ ବିସ୍ତାରିତ ପରିସରକୁ ବୁଝିବା ଓ ଶୁଣିବା (ଯଥା ଶ୍ରେଣୀ ବକ୍ତୃତା, ଟି.ଭି / ରେଡିଓ ସମ୍ବାଦ ପ୍ରସାରଣ ଘୋଷଣା,ତର୍କ, ସୂଚନା ଆଦି) | | | |
| | | ଶିକ୍ଷକଙ୍କ ଦ୍ୱାରା ଡକା ଯାଇଥିବା ଅନୁଚ୍ଛେଦ ଓ ବାକ୍ୟ ଗୁଡିକୁ ଉଦ୍ଧାରି ପାରିବା | | | |
| ୨ | କହିବା | କେନ୍ଦ୍ରିୟ ଶବ୍ଦ ଓ ବାକ୍ୟାଂଶ ଗୁଡିକୁ ଚିହ୍ନଟ କରିବା | | | |
| | | ଅନୁମାନ ଓ ପୂର୍ବାନୁମାନ ଗୁଡିକ ତିଆରି କରିବା | | | |
| | | ଏକ ମୌଖିକ ପାଠରେ ମୁଖ୍ୟ ବିଷୟ ଗୁଡିକର ସାରାଂଶ ନିର୍ଣ୍ଣୟ କରିବା | | | |
| | | ଉତ୍ତର ପ୍ରଦାନ କରିବା, ବିଚାର କରିବା ଓ ଉପସଂହାର ବାହାର କରିବା | | | |

ଟିପ୍ପଣୀ

| କ୍ରମିକ ସଂଖ୍ୟା | | ସୂଚକାଙ୍କ | କାଳାନୁଯାୟୀ ମୂଲ୍ୟାୟନ | | |
|---|---|---|---|---|---|
| | | | ପର୍ଯ୍ୟାୟ-୧ | ପର୍ଯ୍ୟାୟ-୨ | ପର୍ଯ୍ୟାୟ-୩ |
| | | ବିଭିନ୍ନ ସ୍ୱର ଉଚ୍ଚାରଣ ଗୁଡ଼ିକର ବ୍ୟବହାର କରିବା | | | |
| | | ଢାଞ୍ଚାଗତ ଦଳ-ଭିତ୍ତିକ କଥୋପ କଥନ ସମୟରେ ଅନୁଭୂତି, ପର୍ଯ୍ୟବେକ୍ଷଣ ଓ ଧାରଣା ବିନିମୟ କରିବା | | | |
| | | ସ୍ପଷ୍ଟ, ସଂକ୍ଷେପ ଓ ସଠିକ୍ ଭାବରେ ମତାମତ ଓ ଧାରଣା ଗୁଡ଼ିକୁ ପ୍ରକାଶ କରିପାରିବା ଓ ଉତ୍ତର ଦେଇପାରିବା | | | |
| | | ଉଦାହରଣ ସହ ନିଜର ମତାମତ ଓ ସିଦ୍ଧାନ୍ତକୁ ସମର୍ଥନ କରିପାରିବା | | | |
| | | ଦୈନନ୍ଦିନ ଘଟଣାବଳୀ ଉପରେ କଥାବାର୍ତ୍ତା କରିପାରିବା | | | |
| ୩ | ପଢ଼ିବା | ମୌଖିକ ଓ ନୀରବଭାବରେ ସ୍ତର ଉପଯୋଗୀ ଏକ ବିସ୍ତୃତ ପାଠ ପରିସରକୁ ପଢ଼ିବା | | | |
| | | ବିଭିନ୍ନ ପ୍ରସଙ୍ଗରେ ପୂର୍ବ ଜ୍ଞାନ ଅଭିଜ୍ଞାନ ଓ ସୂଚନାକୁ ବ୍ୟବହାର କରିବା | | | |
| | | ଅଭିଧାନ ଅଥବା ଜ୍ଞାନ କୋଷର ବ୍ୟବହାର କରି ପାରିବା | | | |
| | | ପ୍ରାରମ୍ଭିକ ପାଠ ପଢ଼ି ପ୍ରତିକ୍ରିୟାଶୀଳ ହୋଇପାରିବା | | | |
| | | ଅନୁଚ୍ଛେଦ କବିତା, ବିବରଣୀ ଆଦିକୁ ବୁଝିବା ଓ ପ୍ରଶଂସା କରିବା | | | |
| ୪ | ଲେଖିବା | ଚିଠି, ବର୍ଣ୍ଣନା ଗୁଡ଼ିକୁ ଲେଖି ପାରିବ । ପ୍ରଚାର ଫର୍ଦ୍ଦ ଓ ବିଜ୍ଞପ୍ତି ଗୁଡ଼ିକ ପ୍ରସ୍ତୁତ କରିପାରିବା ଓ ବାର୍ତ୍ତାଗୁଡ଼ିକ ଲେଖିପାରିବା | | | |
| | | ମୁଖ୍ୟ ପ୍ରସଙ୍ଗଗୁଡ଼ିକୁ ସହାୟତା କରିବା ପାଇଁ ପର୍ଯ୍ୟାପ୍ତ ବିଶଦ ବିବରଣୀ, ଉଦାହରଣ ଓ ତଥ୍ୟ ଗୁଡ଼ିକୁ ପ୍ରଦାନ କରିପାରିବା | | | |

ଟିପ୍ପଣୀ

| କ୍ରମିକ ସଂଖ୍ୟା | | ସୂଚକାଙ୍କ | କାଳାନୁଯାୟୀ ମୂଲ୍ୟାୟନ | | |
|---|---|---|---|---|---|
| | | | ପର୍ଯ୍ୟାୟ-୧ | ପର୍ଯ୍ୟାୟ-୨ | ପର୍ଯ୍ୟାୟ-୩ |
| | | ଉପଯୁକ୍ତ ଅନୁକ୍ରମରେ ଧାରଣା ଗୁଡିକୁ ସଙ୍ଗଠିତ କରିବା | | | |

**ଶିକ୍ଷଣ କାର୍ଯ୍ୟ - ୩**

ସ୍ଥାନୀୟ ପରିବର୍ତ୍ତନକୁ ବିଚାରକୁ ନେଇ ତୃତୀୟ ଶ୍ରେଣୀ ପିଲାମାନଙ୍କ ପାଇଁ ଏକ ତିନି ମାପକ ମାପନ ପ୍ରସ୍ତୁତ କର ।

## ତୃତୀୟ ଶ୍ରେଣୀ ପାଇଁ ଗଣିତରେ ଶିକ୍ଷଣ କୃତିର ଲିପିବଦ୍ଧ କରିବା

ଗଣିତରେ, ସାଧାରଣତଃ ଏକ ପ୍ରକ୍ରିୟା-ଆଧାରିତ ଆକଳନ କରାଯାଏ । ଛାତ୍ରଛାତ୍ରୀମାନଙ୍କର କାର୍ଯ୍ୟକୁ ତୁମକୁ ଯତ୍ନର ସହ ପର୍ଯ୍ୟବେକ୍ଷଣ କରିବାକୁ ହେବ । ଗଣିତରେ ଯେକୌଣସି ସମସ୍ୟାକୁ ଛୋଟଛୋଟ ସୋପାନରେ ବିଭକ୍ତ କରିବାକୁ ହେବ । ପ୍ରତ୍ୟେକ ସୋପାନରେ ଏକ ପ୍ରକ୍ରିୟା ଅନ୍ତର୍ଭୁକ୍ତ । ପ୍ରତ୍ୟେକ ପ୍ରକ୍ରିୟାର ସଫଳ ସମାପ୍ତି ନିମନ୍ତେ ଜଣେ ଶିକ୍ଷାର୍ଥୀକୁ ଚିହ୍ନଟ ଓ ସମ୍ମାନ ପ୍ରଦାନ କରାଯିବା ଆବଶ୍ୟକ । ଏହି ପଦ୍ଧତି ଉପରେ ଆଧାରିତ ପ୍ରତ୍ୟେକ ସମସ୍ୟା ତିନୋଟି ଗ୍ରେଡ଼ ଯଥା ୧, ୨ ଓ ୩ ଅଧୀନରେ ଆକଳନ ହେବା ଦରକାର ଯାହାକି ନିମ୍ନମତେ ସୂଚିତ କରେ ।

**ଗ୍ରେଡ଼ ୧ :** ଏପରିକି ପ୍ରକ୍ରିୟାଟିର ଗୋଟିଏ ଅଂଶ ଜଣେ ଶିକ୍ଷାର୍ଥୀ ସଫଳତାର ସହ ସମ୍ପୂର୍ଣ୍ଣ କରିପାରିବ ନାହିଁ ।

**ଗ୍ରେଡ଼ ୨ :** ସମଗ୍ର ପ୍ରକ୍ରିୟାଟିକୁ ଆଂଶିକ ଭାବରେ ଜଣେ ଶିକ୍ଷାର୍ଥୀ ସମ୍ପୂର୍ଣ୍ଣ କରିପାରିବ ।

**ଗ୍ରେଡ଼ ୩ :** ସମଗ୍ର ପ୍ରକ୍ରିୟାଟିକୁ ଜଣେ ଶିକ୍ଷାର୍ଥୀ ସଫଳତାର ସହ ସମ୍ପୂର୍ଣ୍ଣ କରିପାରିବ ।

ଅବଶ୍ୟ, ଗୋଟିଏ ସମୟରେ ଶିକ୍ଷକ ହିସାବରେ ତୁମେ ୪ରୁ ୫ ଜଣ ଛାତ୍ର/ ଛାତ୍ରୀମାନଙ୍କର ନଥିପତ୍ର ଲିଖନ କରି ରଖିବା ଆବଶ୍ୟକ । ନିମ୍ନରେ ଏକ ତୃତୀୟ ଶ୍ରେଣୀ ଶିକ୍ଷାର୍ଥୀର ବିବରଣୀ ଲିଖନ କରିବାର ଫର୍ଦ୍ଦ ଉଦାହରଣ ରୂପେ ଉପସ୍ଥାପନ କରାଯାଇଅଛି ।

ଟିପ୍ପଣୀ

| କ୍ରମିକ ସଂଖ୍ୟା | ପ୍ରସଙ୍ଗ | ପର୍ଯ୍ୟାୟ-୧ | | | ପର୍ଯ୍ୟାୟ-୨ | | | ପର୍ଯ୍ୟାୟ-୩ | | |
|---|---|---|---|---|---|---|---|---|---|---|
| | | ଶ୍ରେଣୀ କାର୍ଯ୍ୟ | ନ୍ୟସ୍ତ କାର୍ଯ୍ୟ | ପ୍ରୟୋଗାତ୍ମକ କାର୍ଯ୍ୟ | ଶ୍ରେଣୀ କାର୍ଯ୍ୟ | ନ୍ୟସ୍ତ କାର୍ଯ୍ୟ | ପ୍ରୟୋଗାତ୍ମ କାର୍ଯ୍ୟ | ଶ୍ରେଣୀ କାର୍ଯ୍ୟ | ନ୍ୟସ୍ତ କାର୍ଯ୍ୟ | ପ୍ରୟୋଗାତ୍ମ କାର୍ଯ୍ୟ |
| ୧ | ଆକୃତି ଓ ନକ୍ସା | | | | | | | | | |
| ୨ | ସଂଖ୍ୟା ପଠନ ଓ ଲିଖନ | | | | | | | | | |
| ୩ | ଯୋଗ | | | | | | | | | |
| ୪ | ବିୟୋଗ | | | | | | | | | |
| ୫ | ସମୟ | | | | | | | | | |
| ୬ | ପଞ୍ଜିକା/ କ୍ୟାଲେଣ୍ଡର | | | | | | | | | |
| ୭ | ଓଜନ | | | | | | | | | |
| ୮ | ମୁଦ୍ରା | | | | | | | | | |
| ୯ | ଆୟତନ | | | | | | | | | |
| ୧୦ | ଗୁଣନ | | | | | | | | | |
| ୧୧ | ହରଣ | | | | | | | | | |
| ୧୨ | ତଥ୍ୟ ରକ୍ଷଣା ବେକ୍ଷଣ | | | | | | | | | |

ଶିକ୍ଷଣ କାର୍ଯ୍ୟ - ୪

ସ୍ଥାନୀୟ ପରିବର୍ତ୍ତନ ଓ ବିଷୟ ପାଇଁ ପ୍ରତ୍ୟାଶିତ ଦକ୍ଷତାକୁ ବିଚାରକୁ ନେଇ ପଞ୍ଚମ ଶ୍ରେଣୀର ଏକ ଶିକ୍ଷାର୍ଥୀ ନିମନ୍ତେ ଗଣିତରେ ଲିପିବଦ୍ଧ କରିବାର ଏକ ଫର୍ଦ୍ଦ ବିକଶିତ କର ।

ଶୂନ୍ୟସ୍ଥାନରେ ବିଷୟ ଶିକ୍ଷକ ଶ୍ରେଣୀ/ଗ୍ରେଡର ସ୍ତର ପୂରଣ କରିବା ଆବଶ୍ୟକ । ସକାରାତ୍ମକ ମନ୍ତବ୍ୟ ସହ ଲିପିବଦ୍ଧ ହୋଇଥିବା ତଥ୍ୟ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ସହ ବିନିମୟ କରାଯାଇପାରେ ।

**E -୩ ବିଭିନ୍ନ ବିଷୟରେ ଶିକ୍ଷଣ କୃତି ଲିପିବଦ୍ଧ କରିବାର ଫର୍ଦ୍ଦଗୁଡିକରେ ଥିବା ତାରତମ୍ୟ ଗୁଡ଼ିକୁ ସକାରଣ ଦର୍ଶାଅ ।**

### ୧୬.୨.୩. ବିଭିନ୍ନ ଉପଭୋକ୍ତାମାନଙ୍କୁ ସୂଚିତ କରିବା

ଲିପିବଦ୍ଧ ହୋଇଥିବା ଫଳାଫଳଗୁଡ଼ିକ ପ୍ରତିପୃଷ୍ଟ ଭାବରେ ବିଭିନ୍ନ ଉପଭୋକ୍ତାମାନଙ୍କ ସହ ବିନିମୟ ହେବା ଆବଶ୍ୟକ ଯଦ୍ଦ୍ୱାରା ପ୍ରତ୍ୟେକ ଉପଭୋକ୍ତା ନିଜ ଉପାୟରେ ଶିକ୍ଷାର୍ଥୀଙ୍କର ଅଗ୍ରଗତି ସକାଶେ ପ୍ରତିଦାନ କରିପାରିବେ । ଏହି ବିନିମୟ କାର୍ଯ୍ୟକୁ ସୂଚିତ କରିବା କୁହାଯାଏ ଯାହାକି ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ

ଟିପ୍ପଣୀ

ଅଗ୍ରଗତିର ଏକ ତଥ୍ୟ ସମ୍ବଳିତ ଉପସ୍ଥାପନା । ଏହା ସର୍ବଦା ଅଧିକ ସତର୍କତା ମୂଳକ ଓ ଛାତ୍ରଛାତ୍ରୀମାନଙ୍କର ସାମର୍ଥ୍ୟ ଉପରେ ଅଧିକ କେନ୍ଦ୍ରିତ ହୋଇଥାଏ । ସୂଚିତ କରିବା ବିଭିନ୍ନ ଆକାରରେ ହୋଇଥାଏ ଯାହାକି ଉପଭୋକ୍ତାମାନଙ୍କଠାରୁ ଆମର ପ୍ରତ୍ୟାଶା ଉପରେ ନିର୍ଭରଶୀଳ ହୋଇଥାଏ ।

ଉଦାହରଣ ସ୍ୱରୂପ : ସାମଗ୍ରିକ ଭାବରେ ଏକ ଶ୍ରେଣୀର କୃତି ପ୍ରଧାନଶିକ୍ଷକ ହୁଏତ ଆବଶ୍ୟକ କରିପାରନ୍ତି ଯେତେବେଳେ କି ଜଣେ ଶିକ୍ଷକ ଏକ ନିର୍ଦ୍ଦିଷ୍ଟ ବିଷୟରେ ଗୋଟିଏ ଶିକ୍ଷାର୍ଥୀର ଅଗ୍ରଗତି ବିଷୟରେ ଜାଣିବାକୁ ଚାହିଁ ପାରନ୍ତି, ଯେଉଁ ବିଷୟରେ କି ସେ ଶିକ୍ଷାଦାନ କରନ୍ତି । ଶିକ୍ଷାର୍ଥୀଟିଏ ନିର୍ଦ୍ଦିଷ୍ଟ ପ୍ରସଙ୍ଗଟିକୁ ଜାଣିବାକୁ ଚାହେଁ ଯେଉଁଥିରେ କି ସେ ଗୋଷ୍ଠୀଠାରୁ ପଛରେ ପଡ଼ିଥାଏ । ଅଭିଭାବକମାନେ ନିଜ ପିଲାର ବ୍ୟକ୍ତିଗତ-ସାମାଜିକ ଗୁଣଗୁଡ଼ିକ ଜାଣିବାକୁ ଚାହିଁ ପାରନ୍ତି । ବିଭିନ୍ନ ଉପଭୋକ୍ତାମାନଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ କୃତି ବିବରଣୀର ବିଭିନ୍ନ ଆବଶ୍ୟକତା ଓ ବ୍ୟବହାରଗୁଡ଼ିକ ପୂର୍ବରୁ ଏହି ଏକକର ୧୬.୩.୧.ରେ ଆଲୋଚିତ ହୋଇଛି ।

## ୧୬.୩. ଶିକ୍ଷଣ ଅଭିବୃଦ୍ଧି ନିମିତ୍ତ ଆକଳନ ଫଳାଫଳଗୁଡ଼ିକର ବ୍ୟବହାର

### ୧୬.୩.୧. ସାମର୍ଥ୍ୟ ଓ ଦୁର୍ବଳତାଗୁଡ଼ିକୁ ଚିହ୍ନଟ କରିବା ପାଇଁ ଆକଳନ ଫଳାଫଳଗୁଡ଼ିକର ବିଶ୍ଳେଷଣ କରିବା ।

ଥରେ ତୁମେ ନଥିପତ୍ର ଠିକ୍ ଭାବରେ ପୂରଣ ଓ ଉପଭୋକ୍ତାମାନଙ୍କ ସହ ବିନିମୟ କରିବା ପାଇଁ ଏହାକୁ ପ୍ରସ୍ତୁତ କଲେ ତୁମେ ସେଥିରେ ଲିପିବଦ୍ଧ ହୋଇଥିବା ତଥ୍ୟକୁ ନିର୍ଣ୍ଣାୟତ୍ମକ ଭାବରେ ବିଶ୍ଳେଷଣ କରିପାରିବ । ତୁମେ ଏହାକୁ ବିଭିନ୍ନ ଉପାୟରେ ନିମ୍ନମତେ କରିପାରିବ:

୧. ବିଷୟ ଅନୁଯାୟୀ ବିଶ୍ଳେଷଣ

୨. ପ୍ରସଙ୍ଗ ଅନୁଯାୟୀ ବିଶ୍ଳେଷଣ

୩. ଶିକ୍ଷଣ ପରିଣାମ ଅନୁଯାୟୀ ବିଶ୍ଳେଷଣ ଓ

୪. ପର୍ଯ୍ୟାୟ ଅନୁଯାୟୀ ବିଶ୍ଳେଷଣ

ବିଶ୍ଳେଷଣର କେତେକ ଉଦାହରଣ ନିମ୍ନରେ ପ୍ରଦାନ କରାଯାଇଅଛି ।

**ସାରଣୀ ୧ : ବିଷୟ-ଅନୁଯାୟୀ ବିଶ୍ଳେଷଣ**

| କ୍ରମିକ ସଂଖ୍ୟା | ବିଷୟ | ବିଭିନ୍ନ ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ହାସଲ ହୋଇଥିବା ନମ୍ବର | | | | | | | |
|---|---|---|---|---|---|---|---|---|---|
| | | କ | ଖ | ଗ | ଘ | ଙ | ଚ | ଛ | |
| ୧ | ଭାଷା (ମୋଟ ନମ୍ବର ୧୦୦) | ୪୧ | ୧୦ | ୪୦ | ୫୦ | ୪୪ | ୩୮ | ୪୮ | |
| ୨ | ଗଣିତ (ମୋଟ ନମ୍ବର ୧୦୦) | ୬୪ | ୨୮ | ୮୦ | ୭୦ | ୬୬ | ୬୯ | ୬୮ | |
| ୩ | ପରିବେଶ ଅଧ୍ୟୟନ (ମୋଟ ନମ୍ବର - ୧୦୦) | ୫୮ | ୨୩ | ୬୪ | ୨୨ | ୫୯ | ୫୬ | ୭୫ | |

ଟିପ୍ପଣୀ

ଚାଲନ୍ତୁ, ଉପରୋକ୍ତ ସାରଣୀ ୧କୁ ପରୀକ୍ଷା କରିବା ଯାହାକି ଛାତ୍ରଛାତ୍ରୀମାନଙ୍କର ଫଳାଫଳ ପ୍ରଦର୍ଶନ କରେ। ଏଥିରୁ ନିମ୍ନଲିଖିତ ଉପସଂହାରଗୁଡ଼ିକ ନିର୍ଣ୍ଣୟ କରାଯାଇପାରେ।

- ସାମଗ୍ରିକ ଭାବେ ଶ୍ରେଣୀଟି ଭାଷାରେ ଦୁର୍ବଳ ଅଛି ଯେଉଁଥିରେ କି ପ୍ରାୟ ସମସ୍ତେ ୫୦ ପ୍ରତିଶତରୁ କମ୍ ନମ୍ବର ପାଇଥିଲେ।
- ଗଣିତ ଓ ପରିବେଶଗତ ଅଧ୍ୟୟନ (ଇଭିଏସ୍) ଅପେକ୍ଷା ଭାଷାରେ ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତି ଅତି ଖରାପ ରହିଅଛି।
- ଛାତ୍ରଛାତ୍ରୀମାନେ ଗଣିତରେ ଭଲ କରିଅଛନ୍ତି କିନ୍ତୁ ଆହୁରି ଭଲ ମଧ୍ୟ କରିପାରିଥାନ୍ତେ।
- ଗଣିତ ଓ ପରିବେଶଗତ ଅଧ୍ୟାୟରେ 'ଗ' ଶିକ୍ଷାର୍ଥୀଟି ବହୁତ ଭଲ କରିଅଛି କିନ୍ତୁ ଭାଷାରେ ଭଲ ପ୍ରଦର୍ଶନ କରିନାହିଁ।
- 'ଖ' ଶିକ୍ଷାର୍ଥୀଟି ସମସ୍ତ ବିଷୟରେ ଅତିଶୟ ଖରାପ କରିଅଛି।
- ଭାଷା ପରୀକ୍ଷଣର ଉପାଦାନଗୁଡ଼ିକର କଠିନତା ସ୍ତର ବିଶ୍ଳେଷଣ ହେବା ଆବଶ୍ୟକ।

**ସାରଣୀ ୨ : ପ୍ରସଙ୍ଗ-ଅନୁଯାୟୀ ବିଶ୍ଳେଷଣ**

ପ୍ରସଙ୍ଗର ନାମ ୧ ________ ୨ ________ ୩ ________

ମୋଟ ନମ୍ବର- ୫୦

| ଛାତ୍ରଛାତ୍ରୀ | ପ୍ରସଙ୍ଗ ୧ | ପ୍ରସଙ୍ଗ ୨ | ପ୍ରସଙ୍ଗ ୩ |
|---|---|---|---|
| କ | ୪୦ | ୨୫ | ୧୦ |
| ଖ | ୩୭ | ୩୦ | ୮ |
| ଗ | ୩୦ | ୨୩ | ୫ |
| ଘ | ୪୨ | ୩୦ | ୧୫ |
| ଙ | ୩୨ | ୨୯ | ୧୧ |

ଉପରୋକ୍ତ ସାରଣୀରୁ ଆମେ ନିମ୍ନଲିଖିତ ସିଦ୍ଧାନ୍ତରେ ଉପନୀତ ହୋଇପାରିବା।

- ପ୍ରସଙ୍ଗ-୧ ରେ ସମସ୍ତ ଛାତ୍ରଛାତ୍ରୀ ବହୁତ ଭଲ କରି ଅଛନ୍ତି ।
- ପ୍ରସଙ୍ଗ-୩ ରେ ସମସ୍ତ ଛାତ୍ରଛାତ୍ରୀ ଅତିଶୟ ଖରାପ କରିଅଛନ୍ତି ।
- ପ୍ରସଙ୍ଗ-୩ ରେ ପ୍ରସ୍ତୁତ ହୋଇଥିବା ପରୀକ୍ଷଣ ଉପାଦାନଗୁଡ଼ିକର କଠିନତା ସ୍ତର ବିଶ୍ଳେଷଣ ହେବା ଆବଶ୍ୟକ।
- 'ଘ' ଶିକ୍ଷାର୍ଥୀଟି ଦଳରେ ସମସ୍ତ ବିଷୟରେ ବହୁତ ଭଲ କରିଅଛି କିନ୍ତୁ ପ୍ରସଙ୍ଗ-୩ ରେ ଆହୁରି ଭଲ କରିପାରିଥାନ୍ତା।
- 'ଗ' ଶିକ୍ଷାର୍ଥୀଟି ସମସ୍ତ ତିନୋଟି ବିଷୟରେ ଭଲ କରିବା ସକାଶେ ସମର୍ଥ ହୋଇ ନାହାନ୍ତି।

ଟିପ୍ପଣୀ

**ସାରଣୀ ୩ : ଶିକ୍ଷଣ ପରିଣାମ/ଫଳାଫଳ ଅନୁଯାୟୀ ବିଶ୍ଳେଷଣ**

**ଉଦ୍ଦେଶ୍ୟ : ବୋଧ**

| ଛାତ୍ରଛାତ୍ରୀ | ବୋଧ ଅନ୍ତର୍ଗତ ବିଶେଷ ଭାବେ ନିର୍ଦ୍ଦେଶିତ କ୍ଷେତ୍ରରେ ହାସଲ ନମ୍ବର (ପ୍ରତ୍ୟେକ ନିର୍ଦ୍ଦେଶିତ କ୍ଷେତ୍ରରେ ୫୦ ରୁ ରଖିଥିବା ନମ୍ବର) | | | | | |
|---|---|---|---|---|---|---|
| | ଅନୁବାଦ କରିବା | ଉଦାହରଣ ପ୍ରଦାନ କରିବା | ସମ୍ପର୍କ ଦେଖିବା | ତୁଳନା କରିବା | ବର୍ଗୀକରଣ କରିବା | ବ୍ୟାଖ୍ୟା କରିବା |
| କ | ୩୫ | ୩୩ | ୫ | ୧୦ | ୫୮ | ୫ |
| ଖ | ୪୪ | ୩୪ | ୬ | ୮ | ୧୦ | ୬ |
| ଗ | ୪୩ | ୩୩ | ୮ | ୯ | ୧୨ | ୫ |
| ଘ | ୪୨ | ୩୫ | ୧୦ | ୧୩ | ୧୦ | ୮ |
| ଙ | ୩୮ | ୨୬ | ୫ | ୮ | ୫ | ୪ |

ଉପରୋକ୍ତ ସାରଣୀରୁ ଆମେ ନିମ୍ନଲିଖିତ ଉପସଂହାର ନିର୍ଣ୍ଣୟ କରିପାରିବା ।

- ଅନୁବାଦ କରିବା ଓ ଉଦାହରଣ ଦେବା ସହ ସମ୍ପର୍କିତ ଶିକ୍ଷଣ ପରିଣାମଗୁଡ଼ିକରେ ଛାତ୍ରଛାତ୍ରୀମାନେ ଭଲ କରିଅଛନ୍ତି ।
- ବ୍ୟାଖ୍ୟା କରିବା ଓ ସମ୍ପର୍କ ଦେଖିବା ସହ ସମ୍ପର୍କିତ ଶିକ୍ଷଣ ପରିଣାମଗୁଡ଼ିକରେ ଛାତ୍ରଛାତ୍ରୀମାନେ ଅତିଶୟ ଖରାପ କରିଅଛନ୍ତି ।
- ତୁଳନା କରିବା ଓ ବଗୀକରଣ କରିବା ସହ ସମ୍ପର୍କିତ ଶିକ୍ଷଣ ପରିଣାମଗୁଡ଼ିକରେ ଛାତ୍ରଛାତ୍ରୀମାନେ ସାମାନ୍ୟ ଭଲ କରିଅଛନ୍ତି ଯାହାକି ପୁନଃ-ଅଗ୍ରଗତି ହୋଇପାରିବ ।
- ଗୋଷ୍ଠୀରେ 'ଘ'ର ସାମଗ୍ରିକ ଶିକ୍ଷଣ ଅଗ୍ରଗତି ସର୍ବୋତ୍ତମ ଅଟେ, ଯେତେବେଳେ କି ଗୋଷ୍ଠୀରେ ଅବବୋଧ ସମ୍ପର୍କିତ ପରିଣାମଗୁଡ଼ିକରେ 'ଙ'ର ସାମଗ୍ରିକ ଅଗ୍ରଗତି ସବୁଠାରୁ ଖରାପ ରହିଅଛି ।
- 'ଖ' ଶିକ୍ଷାର୍ଥୀଟି ନିଜ କୃତି ସଂପର୍କିତ ଅନୁବାଦ ଫଳାଫଳକୁ ଅନ୍ୟ କ୍ଷେତ୍ରଗୁଡ଼ିକରେ ପୁନଃ ବିନିଯୋଗ କାର୍ଯ୍ୟରେ ସମର୍ଥ ହୋଇ ନାହଁ ।

ତେଣୁ, ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ବ୍ୟକ୍ତିଗତ ଏବଂ ଛାତ୍ରଛାତ୍ରୀମାନଙ୍କର ଦଳଗତ ଶିକ୍ଷଣ କୃତିକୁ ବିଶ୍ଳେଷଣ କରାଯାଇ ବହୁତ ଗୁଡ଼ିଏ ସିଦ୍ଧାନ୍ତ ନିର୍ଣ୍ଣୟ କରାଯାଇପାରିବ । ପରବର୍ତ୍ତି ପଦକ୍ଷେପ ନିମିତ୍ତ ଛାତ୍ରଛାତ୍ରୀମାନଙ୍କର ସାମର୍ଥ୍ୟ ଓ ଦୁର୍ବଳତାଗୁଡ଼ିକ ମଧ୍ୟ ବିଶ୍ଳେଷଣ କରାଯାଇପାରିବ । ଏଠାରେ ଏକ ଉଦାହରଣ ଦିଆଗଲା ।

ଟିପ୍ପଣୀ

## ସାରଣୀ ୪ : ପର୍ଯ୍ୟାୟ ଅନୁଯାୟୀ ବିଶ୍ଳେଷଣ

| ଛାତ୍ର ଛାତ୍ରୀ | ପର୍ଯ୍ୟାୟ ୧ | | | ପର୍ଯ୍ୟାୟ ୨ | | | ପର୍ଯ୍ୟାୟ ୩ | | |
|---|---|---|---|---|---|---|---|---|---|
| | ଭାଷା (ମୋଟ ନମ୍ବର ୧୦୦) | ଗଣିତ (ମୋଟ ନମ୍ବର ୧୦୦) | ପରିବେଶ ଶିକ୍ଷା (ମୋଟ ନମ୍ବର ୧୦୦ | ଭାଷା (ମୋଟ ନମ୍ବର ୧୦୦) | ଗଣିତ (ମୋଟ ନମ୍ବର ୧୦୦) | ପରିବେଶ ଶିକ୍ଷା (ମୋଟ ନମ୍ବର ୧୦୦ | ଭାଷା (ମୋଟ ନମ୍ବର ୧୦୦) | ଗଣିତ (ମୋଟ ନମ୍ବର ୧୦୦) | ପରିବେଶ ଶିକ୍ଷା (ମୋଟ ନମ୍ବରା ୧୦୦ |
| କ | ୫୦ | ୪୦ | ୬୦ | ୫୫ | ୪୦ | ୬୨ | ୬୦ | ୩୮ | ୬୪ |
| ଖ | ୪୦ | ୮୦ | ୪୫ | ୪୫ | ୮୫ | ୫୫ | ୪୨ | ୯୦ | ୬୦ |
| ଗ | ୭୦ | ୯୦ | ୭୫ | ୭୫ | ୯୫ | ୮୦ | ୮୦ | ୯୮ | ୮୨ |
| ଘ | ୭୮ | ୮୨ | ୮୦ | ୮୦ | ୯୨ | ୮୦ | ୮୦ | ୯୮ | ୮୨ |
| ଙ | ୬୦ | ୬୨ | ୩୮ | ୫୬ | ୬୪ | ୪୦ | ୫୦ | ୬୦ | ୪୫ |

ଶିକ୍ଷଣ କାର୍ଯ୍ୟ - ୫

ବର୍ତ୍ତମାନ ସାରଣୀ-୪କୁ ଆଧାର କରି ତୁମର ସିଦ୍ଧାନ୍ତଗୁଡ଼ିକୁ ବାହାର କରିବାକୁ ଚେଷ୍ଟା କର ।

ସୂଚନା : ତୁମର ବିଶ୍ଳେଷଣ ନିମ୍ନଲିଖିତ ବିଷୟ ଉପରେ ଆଧାରିତ ହୋଇପାରେ ।

୧. ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ବ୍ୟକ୍ତିଗତ ଓ ଦଳଗତ ଭାବେ ଶିକ୍ଷାର୍ଥୀମାନଙ୍କର କୃତିର ଅଗ୍ରଗତିର ପ୍ରମାଣ ରହିଅଛି କି ?

୨. ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ବିଷୟ ଅନୁଯାୟୀ ଅଗ୍ରଗତି ହୋଇଅଛି କି ?

୩. କେଉଁ ବିଷୟ କ୍ଷେତ୍ର ଉତ୍ତମ ଅଗ୍ରଗତି ପ୍ରଦର୍ଶନ କରେ ଓ କେଉଁ ବିଷୟ କ୍ଷେତ୍ର ଅଗ୍ରଗତି ପ୍ରଦର୍ଶନ କରେ ନାହିଁ ?

୪. କେଉଁ ଛାତ୍ରଛାତ୍ରୀମାନେ ସେମାନଙ୍କର ଅଗ୍ରଗତିରେ ସ୍ଥିର ଅଟନ୍ତି ? ଓ

୫. କେଉଁ ଛାତ୍ରଛାତ୍ରୀମାନେ ପଛରେ ଅଛନ୍ତି ?

୬. କେଉଁ କ୍ଷେତ୍ରରେ ପଛରେ ଅଛନ୍ତି ?

### ୧୬.୩.୨. ପରବର୍ତ୍ତୀ କାର୍ଯ୍ୟକ୍ରମ

ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ଅଗ୍ରଗତି ବିଶ୍ଳେଷଣ କଲା ପରେ, ଏକ ପେଶାଦାର ଶିକ୍ଷକ ହିସାବରେ ତୁମେ କ'ଣ କରିବ ? ଛାତ୍ରଛାତ୍ରୀମାନଙ୍କର ଅଭାବଗୁଡିକୁ ପୂରଣ କରିବା ଓ ଶିକ୍ଷଣର ସ୍ତରଗୁଡ଼ିକୁ ଉନ୍ନତି କରିବାରେ ସେମାନଙ୍କୁ ସାହାଯ୍ୟ କରିବା ସକାଶେ ସଂଶୋଧିତ ପଦକ୍ଷେପ ତୁମକୁ ନେବାକୁ ପଡ଼ିବ । ସଂଶୋଧିତ ପଦକ୍ଷେପଗୁଡ଼ିକ ନିମ୍ନଲିଖିତ ଆକାରରେ ହୋଇପାରେ ।

- ଏକ ପରାମର୍ଶଦାତା ହିସାବରେ ଶିକ୍ଷକ
- ଶିକ୍ଷଣ କଠିନତାଗୁଡ଼ିକର ପ୍ରତିକାର

- ସମୃଦ୍ଧିକରଣ
- ଶିକ୍ଷକଙ୍କ ନିଜର ଚିନ୍ତନର ପ୍ରତିଫଳନ

**ପରାମର୍ଶଦାତା ହିସାବରେ ଶିକ୍ଷକ**

ତୁମକୁ ଏକ ପରାମର୍ଶଦାତାର ଭୂମିକା ନିର୍ବାହ କରିବାକୁ ହେବ ଓ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜିବାକୁ ପଡିବ ।

- ମୁଁ କିପରି ଶିଶୁକୁ ସାହାଯ୍ୟ କରିପାରିବି ଯଦ୍ଦ୍ୱାରା ଲକ୍ଷ୍ୟ ହାସଲ ନିମନ୍ତେ ସେ ନିଜକୁ ସାହାଯ୍ୟ କରିପାରିବ ?
- ନିଜର ଶିକ୍ଷଣରେ ସେ କିପରି ପଥ ପ୍ରତିବନ୍ଧକଗୁଡ଼ିକୁ ଦୂର କରିପାରିବ ?
- ବିଭିନ୍ନ ସମାଧାନଗୁଡ଼ିକ କ'ଣ ?

  ଏହି ସବୁ ବିଷୟ ଖୋଜି ବାହାର କରିବାକୁ ଚେଷ୍ଟା କରିବାରେ ତୁମେ ପରାମର୍ଶ ଦେଇପାରିବ ।

ପରାମର୍ଶ ପ୍ରଦାନ ଏକ ଅଦ୍ୱିତୀୟ ସହାୟତା ସମ୍ପର୍କ ରୂପେ ସୂଚିତ ହୋଇଥାଏ ଯେଉଁଥିରେ ଶିକ୍ଷାର୍ଥୀକୁ ଶିକ୍ଷାପ୍ରାପ୍ତି, ଅନୁଭବ, ଅଭିଜ୍ଞତାକୁ ସ୍ପୃହଣୀୟ ବୋଲି ଭାବୁଥିବା ଉପାୟରେ ପରିବର୍ତ୍ତନ ନିମିତ୍ତ ସୁଯୋଗ ପ୍ରଦାନ କରାଯାଏ ।

ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କରାଯାଉଥିବା ଭୁଲଗୁଡ଼ିକୁ ତୁମେ ପ୍ରତି ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିବା ଆବଶ୍ୟକ । ତୁମେ ଜାଣିବା ଆବଶ୍ୟକ ଯେ ଯଦି ଭୁଲ ହୋଇଅଛି ଭୁଲ୍ କିପରି ସୃଷ୍ଟି ହୋଇଅଛି; କେତେକ ଭୁଲ ବୁଝାମଣା ଯୋଗୁଁ ଅଥବା ଛାତ୍ରଛାତ୍ରୀଙ୍କ ତରଫରୁ ବେଖାତିର ଭାବ ଯୋଗୁଁ ଭୁଲ ହୋଇଛି ଏହା ତୁମେ ଜାଣିବା ଆବଶ୍ୟକ । ତେଣୁ ତୁମେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ନିଜର ଭୁଲଗୁଡ଼ିକୁ ସୁଧାରିବା ପାଇଁ ଆଉ ଏକ ସୁଯୋଗ ଦେବା ଆବଶ୍ୟକ ଏବଂ ଦେଖିବାକୁ ପଡ଼ିବ ଯେ ସେହି ଭୁଲ୍ ଗୁଡ଼ିକରୁ କେତେକ ଭୁଲ୍‌କୁ ସେ ନିଜେ ସୁଧାରି ପାରୁଛି ନା ନାହିଁ । ବେଳେବେଳେ ଛାତ୍ରଛାତ୍ରୀ ଭୁଲ୍ ଗୁଡ଼ିକ ସତର୍କତା ଶୂନ୍ୟ/ବିସ୍ମରଣ/କ୍ଳାନ୍ତିଶୀଳତା/ବେଖାତିର ମନୋଭାବ ପରି କାରଣ ଯୋଗୁଁ କରିଥାନ୍ତି । ସେହି ସବୁ କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ନିଜର ଭୁଲ ଗୁଡ଼ିକ ଚିହ୍ନଟ କରିବା ଓ ସେମାନଙ୍କ ଦ୍ୱାରା ସେହି ଭୁଲଗୁଡ଼ିକୁ ସଂଶୋଧନ କରବା କଥା ତୁମେ ପଚାରିପାରିବ । ଏହା ମଧ୍ୟ ସେମାନଙ୍କର ସହପାଠୀମାନଙ୍କ ସହାୟତାରେ କରାଯାଇପାରିବ । ଯଦି ଛାତ୍ରଛାତ୍ରୀମାନେ କିଛି ବି ଶିଖି ନଥାନ୍ତି, ତେବେ ତୁମେ ସେମାନଙ୍କଠାରୁ ନିଜକୁ ସଂଶୋଧନ କରିବା ଆଶା କର ନାହିଁ । ଛାତ୍ରଛାତ୍ରୀମାନେ ଯେତେବେଳେ କିଛି କରିବା ପାଇଁ ଚାହାନ୍ତି ଯାହାକି ସେମାନେ ଆଜି ପର୍ଯ୍ୟନ୍ତ କରିବା ପାଇଁ ସମର୍ଥ ହୋଇ ନାହାନ୍ତି ସେତେବେଳେ ସେମାନେ ତ୍ରୁଟିଗୁଡ଼ିକ କରିଥାନ୍ତି । ଏହା ଏକ ସ୍ୱଚ୍ଛତା ପ୍ରସଙ୍ଗ ଯେଉଁଥିରେ କି ଶୃଙ୍ଖଳିତ ପ୍ରତିକାରାତ୍ମକ କାର୍ଯ୍ୟକ୍ରମଗୁଡ଼ିକ ବ୍ୟକ୍ତିଗତ ଶିକ୍ଷାର୍ଥୀ ଆଧାରରେ ଶିକ୍ଷଣଙ୍କୁ ଯୋଜନା କରିବାକୁ ପଡ଼ିବ ।

ଟିପ୍ପଣୀ

ଯଦି ଏକ ଶିକ୍ଷାର୍ଥୀ ଅଭିପ୍ରେରିତ ନହୁଏ ଏବଂ ସମଯୋଜିତ କରିବା ସମସ୍ୟା ରହିଥାଏ, ତୁମେ ଏକ ମୁହାମୁହିଁ ପରିସ୍ଥିତି ମାଧ୍ୟମରେ ବ୍ୟକ୍ତିଗତ ପରାମର୍ଶ ପ୍ରଦାନ କରିପାରିବ ଯଦ୍ୱାରା ସେ ନିଜର ଅନ୍ତଃଶକ୍ତି ଦ୍ୱାରା କାର୍ଯ୍ୟ କରିପାରିବ । ତୁମର ମନୋବୃତ୍ତି ଏହି ସବୁ ପଦକ୍ଷେପ ଗୁଡ଼ିକ ସକାଶେ ପେଶାଦାର, ଉତ୍ସାହଜନକ ଓ ସମର୍ଥନ ପ୍ରଦକ ହେବା ଦରକାର । ତୁମେ ଶିଶୁମାନଙ୍କର ସାମର୍ଥ୍ୟ ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଭରସା ରଖିବା ଆବଶ୍ୟକ ।

## ଶିକ୍ଷଣ ଅସୁବିଧାଗୁଡିକର ପ୍ରତିକାର

ଶିକ୍ଷଣ ଅସୁବିଧାଗୁଡିକର ନିରୂପଣ ଓ ପ୍ରତିକାର ନିମନ୍ତେ ନିମ୍ନଲିଖିତ ଚାରୋଟି ସୋପାନ ରହିଅଛି ।

୧) କେଉଁ ଛାତ୍ରଛାତ୍ରୀଙ୍କର ଶିକ୍ଷଣ ଅସୁବିଧା ଅଛି ତାହା ନିର୍ଦ୍ଧାରଣ କରିବା ।

୨) ଶିକ୍ଷଣ ଅସୁବିଧାର ନିର୍ଦ୍ଦିଷ୍ଟ ସ୍ୱରୂପ ନିର୍ଦ୍ଧାରଣ କରିବା

୩) ଶିକ୍ଷଣ ଅସୁବିଧା ସୃଷ୍ଟି କରୁଥିବା କାରଣଗୁଡ଼ିକୁ ନିର୍ଦ୍ଧାରଣ କରିବା ଓ

୪) ଉପଯୁକ୍ତ ପ୍ରତିକାରାତ୍ମକ ପ୍ରକ୍ରିୟାଗୁଡ଼ିକୁ ପ୍ରୟୋଗ କରିବା

- ** କାହାର ଅସୁବିଧା ରହିଅଛି ନିର୍ଦ୍ଧାରଣ କରିବା**

ଛାତ୍ରଛାତ୍ରୀମାନଙ୍କ ବିଷୟ ଓ ପର୍ଯ୍ୟାୟ ଅନୁଯାୟୀ ପ୍ରାପ୍ତାଙ୍କ ବିଶ୍ଳେଷଣ କରି ତୁମେ ଅସୁବିଧା ରହିଥିବା ଛାତ୍ରଛାତ୍ରୀମାନଙ୍କୁ ଚିହ୍ନଟ କରିପାରିବ । ବିଭିନ୍ନ ପର୍ଯ୍ୟବେକ୍ଷଣ କୌଶଳ ଯଥା ମୂଲ୍ୟାୟନ ମାପକ, ଯାଞ୍ଚ ତାଲିକା ଓ ଘଟଣାବଳୀ ବିବରଣ ମଧ୍ୟ ଚିହ୍ନଟ ପ୍ରକ୍ରିୟାରେ ସହାୟତା କରିପାରନ୍ତି ।

- **ଶିକ୍ଷଣ ଅସୁବିଧାର ନିର୍ଦ୍ଦିଷ୍ଟ ସ୍ୱରୂପ ନିର୍ଦ୍ଧାରଣ କରିବା**

ଶିକ୍ଷାର୍ଥୀଟିଏ କାର୍ଯ୍ୟ କ୍ଷେତ୍ରରେ ଅଟକି ଯାଉଥିବା ସ୍ଥାନଟିକୁ ବାଛିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା । ତୁମେ ଶିକ୍ଷଣ ଏକକ ହାତକୁ ନେବା ସମୟରେ ବା ଗୋଟିଏ ବିଷୟରେ ଫଳାଫଳ ବିଶ୍ଳେଷଣ କରିବା ସମୟରେ ମଧ୍ୟ ସେହି ନିର୍ଦ୍ଦିଷ୍ଟ ସ୍ଥାନଟିକୁ ଚିହ୍ନଟ କରିପାରିବ ।

- **ଶିକ୍ଷଣ ଅସୁବିଧା କରୁଥିବା ଉପାଦାନଗୁଡ଼ିକୁ ନିର୍ଦ୍ଧାରଣ କରିବା**

ଶିକ୍ଷଣ ଅସୁବିଧାଗୁଡିକ ଅନିର୍ଦ୍ଦିଷ୍ଟ ଶିକ୍ଷାଦାନ ପଦ୍ଧତି, ଜଟିଳ ପାଠ୍ୟ ଉପକରଣ ଗୁଡ଼ିକ ଉପରେ ଅନୁପଯୁକ୍ତ ଶୈକ୍ଷିକ ଗୁରୁତ୍ୱ ଯୋଗୁଁ ସୃଷ୍ଟି ହୋଇଥାଏ । ଯଦି ସମସ୍ତ ଛାତ୍ରଛାତ୍ରୀ ଗୋଟିଏ ପ୍ରସଙ୍ଗରେ ଭଲ କରୁ ନାହାନ୍ତି, ତେବେ ଏହା ସିଦ୍ଧାନ୍ତ ନିଆ ଯାଇପାରେ ଯେ ପ୍ରସଙ୍ଗ ଉପକରଣଗୁଡିକର ଉପସ୍ଥାପନ କଷ୍ଟକର ଅଥବା ଯେଉଁ ଉପାୟରେ ପ୍ରସଙ୍ଗ ପରିଚାଳନା କରାଗଲା ତାହା ଛାତ୍ରଛାତ୍ରୀମାନଙ୍କର ସାମର୍ଥ୍ୟ ବାହାରେ । ବେଳେବେଳେ ଶିକ୍ଷଣ ଅସୁବିଧା କେତେକ ଉପାଦନ ଯୋଗୁଁ ଆସିଥାଏ ଯଥା ମନୋବୃତ୍ତି, ଆଗ୍ରହ, ଅଭିପ୍ରେରଣ ଓ ଏହିଭଳି ଅନେକ ଯଦି ଏକ ଶିକ୍ଷାର୍ଥୀର ଗଣିତ ଓ ଗଣିତ ଶିକ୍ଷକଙ୍କ ପ୍ରତି ନକରାତ୍ମକ ମନୋଭାବ ରହିଥାଏ, ତେବେ ଏହା ପ୍ରତିକୂଳ ଭାବେ ତାହାର ଗଣିତ ପ୍ରାପ୍ତାଙ୍କକୁ ପ୍ରଭାବିତ କରିଥାଏ । ଶିକ୍ଷଣ ଅସୁବିଧା ଗୁଡ଼ିକର କାରଣ ଗୁଡ଼ିକ ବହୁବିଧ ଓ ଜଟିଳ । ଅବଶ୍ୟ, ବିଶେଷ ପରୀକ୍ଷଣ, ଶିକ୍ଷାର୍ଥୀମାନଙ୍କର ପର୍ଯ୍ୟବେକ୍ଷଣ ଛାତ୍ରଛାତ୍ରୀମାନଙ୍କ ସହିତ ନିରୂପିତ ଦଳଗତ ଆଲୋଚନା, ଅଭିଭାବକ-ଶିକ୍ଷକ ସଂଘ ସଭାରେ

ଟିପ୍ପଣୀ

ସେମାନଙ୍କ ସହ ଓ ସେମାନଙ୍କ ଅଭିଭାବକମାନଙ୍କ ସହ ସାକ୍ଷାତକାର ଶିକ୍ଷାର୍ଥୀର ଶିକ୍ଷଣ ଅଭାବ ବାବଦରେ ସୂଚନା ପ୍ରଦାନ କରିପାରେ ।

- <u>ପ୍ରତିକାରାତ୍ମକ ପ୍ରଣାଳୀର ପ୍ରୟୋଗ</u>

ପ୍ରତିକାରାତ୍ମକ କାର୍ଯ୍ୟକ୍ରମଗୁଡ଼ିକରେ ପରୀକ୍ଷଣ ଓ ଆକଳନ ମାଧ୍ୟମରେ ସୃଷ୍ଟି ହୋଇଥିବା ତଥ୍ୟ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥାଏ । ଏଗୁଡ଼ିକ ନିମ୍ନଲିଖିତ ଉପାୟରେ ବ୍ୟବହାର କରିବାକୁ ପଡ଼ିବ ।

୧. ନିର୍ଦ୍ଦିଷ୍ଟ ପ୍ରକାରର ଉତ୍ତରଗୁଡ଼ିକ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ସ୍ପଷ୍ଟ କରିବା ଯାହାକି ସେମାନଙ୍କଠାରୁ ଆଶା କରାଯାଏ ଯଥା "କିପରି ଏହା ତୁମେ କରିପାରିବ ।"

୨. ଛାତ୍ରଛାତ୍ରୀମାନଙ୍କର ଅସୁବିଧାଗୁଡ଼ିକ ବାବଦରେ ନିଦାନାତ୍ମକ ସୂଚନା ଯୋଗାଇବା ଦରକାର, ଯାହାକି ଧ୍ୟାନ ଆକର୍ଷଣ କରିବା, ଯେପରି "ଏହା ହେଉଛି ସେହି ଜିନିଷ ଯେଉଁଥିରେ ତୁମେ ଭୁଲ କରୁଅଛ ଓ ଏହିପରି ତୁମକୁ ଅଭ୍ୟାସ କରିବାକୁ ପଡ଼ିବ ।"

୩. ବର୍ଗୀକୃତ ଶ୍ରେଣୀର ଆକଳନ ଅନୁଶୀଳନୀଗୁଡ଼ିକର ଚୟନ୍ ବ୍ୟବହାର ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ସଫଳତାର ଏକ ଅନୁଭବ ପ୍ରଦାନ କର । ଉଦାହରଣ ସ୍ୱରୂପ, ଯଦି ସେ ବିୟୋଗରେ ସିଦ୍ଧହସ୍ତ ନୁହେଁ, ତେବେ ସେ ହରଣ କରିପାରିବ ନାହିଁ । ତେଣୁ ହରଣ ଉପରେ ଅନୁଶୀଳନୀ ଦେବା ପୂର୍ବରୁ ବିୟୋଗ ଉପରେ ସଫଳ ଅନୁଭବର ଏକ ଅନୁଶୀଳନୀ ଦିଅ ।

୪. ସ୍ୱଳ୍ପକାଳୀନ ଲକ୍ଷ୍ୟଗୁଡ଼ିକ ଯୋଗାଣ ମାଧ୍ୟମରେ ଅଭିପ୍ରେରଣର ବୃଦ୍ଧି ଓ ଅଗ୍ରଗତିର ତତ୍‌କାଳୀନ ଜ୍ଞାନ, ଏହା କହିବା ଦ୍ୱାରା ଯେ, "ତୁମେ ବିୟୋଗ ଉପରେ ଅତିଶୀଘ୍ର ଓ ଠିକ୍ ଭାବରେ ଅନୁଶୀଳନର କରିପାରିବ; ବର୍ତ୍ତମାନ ତୁମେ ହରଣ ଉପରେ ଅତି ସହଜରେ ପ୍ରଶ୍ନଗୁଡ଼ିକ ସମାଧାନ କରିପାରିବ" ଓ

୫. ଉପଚାରାତ୍ମକ ପ୍ରକ୍ରିୟାର ଫଳପ୍ରଦତା ସମ୍ପର୍କିତ ସୂଚନା ଯୋଗାଇ ଦିଅ । ଏହା କହିପାର ଯେ, "ତୁମେ ଏହା କରିପାରିବ କାରଣ ତୁମେ ଶୂନ୍ୟରୁ ଆରମ୍ଭ କରିଅଛ ଓ ଏହି ପ୍ରକ୍ରିୟା ମାଧ୍ୟମରେ ଗତି କଲ ଓ ଏହିପରି ତୁମେ ଅଗ୍ରଗତି କରିପାରିବ", ଆଦି ।

---

E ୫. ଭୁଲ ଓ ତ୍ରୁଟି ମଧ୍ୟରେ ପ୍ରଭେଦ ଦର୍ଶାଅ । ତୁମ ଦୈନନ୍ଦିନ ଅବଲୋକନରୁ ପ୍ରତ୍ୟେକଟିର ଉଦାହରଣ ପ୍ରଦାନ କର ।

---

E ୬. ତୁମର ଶିକ୍ଷାଦାନ ବିଷୟ କ୍ଷେତ୍ରରେ ଶିକ୍ଷାର୍ଥୀମାନେ ସମ୍ମୁଖୀନ ହେଉଥିବା ଶିକ୍ଷଣ ଅସୁବିଧାଗୁଡ଼ିକର ପ୍ରତିକାର ନିମିତ୍ତ ଜଣେ ଶିକ୍ଷକ ହିସାବରେ ତୁମ ଦ୍ୱାରା ଅନୁସରଣ କରିବାକୁ ଥିବା ସୋପାନଗୁଡ଼ିକୁ ଆଲୋଚନା କର ।

---



ଟିପ୍ପଣୀ

**ସମୃଦ୍ଧିକରଣ**

ଭଲ ପ୍ରଦର୍ଶନ କରୁଥିବା ଶିଶୁ ସକାଶେ ତୁମେ ଧ୍ୟାନ ଦେବାକୁ ପଡ଼ିବ । ଏହା ବୁଝିବାକୁ ପଡ଼ିବ ଯେ ଉତ୍ତମ ପ୍ରଦର୍ଶନ କରୁଥିବା ପିଲାଟି ନିଜର ସାମର୍ଥ୍ୟଗୁଡ଼ିକ ଆଧାରରେ ସର୍ବୋତ୍ତମ ପ୍ରଦର୍ଶନ କରିପାରିବ । ତେଣୁ, ତୁମେ ସେହି ଶିଶୁ ସକାଶେ ଉଚ୍ଚତର ଶିକ୍ଷଣ ଉପକରଣଗୁଡ଼ିକ ତିଆରି କରିପାର ଅଥବା ତାକୁ ଉଚ୍ଚତର ଶିକ୍ଷଣ କାର୍ଯ୍ୟ କିମ୍ବା ନ୍ୟସ୍ତକାର୍ଯ୍ୟମାନ ଦେଇପାର । ଉଦାହରଣ ସ୍ୱରୂପ, ଯଦି ଏକ ସାଧାରଣ ଶିକ୍ଷାର୍ଥୀକୁ କଷ୍ଟ ଶବ୍ଦ ବ୍ୟବହାର ମାଧ୍ୟମରେ ଗୋଟିଏ ବାକ୍ୟ ତିଆରି କରିବାର ଦାୟିତ୍ୱ ଦିଆଯାଏ, ସେହି ସାଧାରଣ ଶିକ୍ଷାର୍ଥୀଠାରୁ ଅଧିକ ଦକ୍ଷତା ସଂପନ୍ନ ଶିକ୍ଷାର୍ଥୀକୁ ଶିଶୁକୁ ଦୁଇଟି କଷ୍ଟ ଶବ୍ଦ ବ୍ୟବହାର କରି ଏକ ବାକ୍ୟ ଗଠନ ସକାଶେ କୁହାଯାଇପାରେ । ପ୍ରତିଭା ପରିପୋଷଣ ନିମିତ୍ତ ତୁମେ କ୍ଲିଷ୍ଟତାର ସ୍ତରକୁ ବୃଦ୍ଧି କରିପାରିବ ।

**ଶିକ୍ଷକଙ୍କ ନିଜସ୍ୱ ଚିନ୍ତନ**

ଏକ ଶିକ୍ଷକ ହିସାବରେ, ତୁମେ ନିଜର କାର୍ଯ୍ୟ ସଂପାଦନ ଉପରେ ଚିନ୍ତା କରିବା ଆବଶ୍ୟକ । ତୁମେ ନିଜକୁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ପଚାରିପାର ।

- ପ୍ରତ୍ୟେକ ଓ ସମସ୍ତ ଛାତ୍ରଛାତ୍ରୀମାନଙ୍କ ସକାଶେ ମୁଁ ପର୍ଯ୍ୟାପ୍ତ କାର୍ଯ୍ୟ କରିଅଛି କି ?
- କିପରି ମୁଁ ଅନ୍ୟମାନଙ୍କଠାରୁ ଭିନ୍ନ ହୋଇପାରିଥାନ୍ତି ?
- ଜଣେ ଶିକ୍ଷାର୍ଥୀ ବା ଦଳେ ଶିକ୍ଷାର୍ଥୀଙ୍କର କାର୍ଯ୍ୟ ସଂପାଦନରେ ମୁଁ କିପରି ଭିନ୍ନତା ଆଣିପାରିଥାନ୍ତି ?
- ମୋ ଶିକ୍ଷାର୍ଥୀମାନଙ୍କ ସକାଶେ ମୁଁ ବିକଳ୍ପ କାର୍ଯ୍ୟଗୁଡ଼ିକୁ ବିକଶିତ କରିପାରିବି କି ?
- ମୋ ଛାତ୍ରଛାତ୍ରୀମାନଙ୍କର ଏକ ନିର୍ଦ୍ଦିଷ୍ଟ ଦକ୍ଷତାର ଆକଳନ କରିବା ସକାଶେ ସର୍ବୋତ୍ତମ ସାଧନୀ/କୌଶଳ କ'ଣ ହୋଇପାରିବ ?

ଶିକ୍ଷାର୍ଥୀମାନଙ୍କର ସର୍ବୋତ୍ତମ ସାମର୍ଥ୍ୟ ଆଧାରରେ ଶିଖିବା ପାଇଁ ସେମାନଙ୍କୁ ସାହାଯ୍ୟ କରିବାକୁ ଶିକ୍ଷକ ନିଜର ଶିକ୍ଷାଦାନ ଓ ଆକଳନ କୌଶଳକୁ ନିର୍ଦ୍ଧାରଣ କରିବା ସାମର୍ଥ୍ୟଗୁଡ଼ିକ ଅନୁସାରେ ସର୍ବୋତ୍ତମ ଶିକ୍ଷାଲାଭ କରିବାର ସୁବିଧା ଦରକାର । ଆକଳନ କରିବା ସମୟରେ, ସେ ପ୍ରଦତ୍ତ କାର୍ଯ୍ୟର ନମ୍ବରାଙ୍କନ ଏପରି ଭାବେ କରିବା ଦରକାର ଯାହା ପ୍ରାକୃତିକ ଭାବରେ ପ୍ରତିକ୍ରିୟା ପ୍ରକାଶିତ ହୋଇପାରିବ ଓ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବା ପାଇଁ ଇଚ୍ଛୁକ ହେବେ ।

**ଶିକ୍ଷଣ କାର୍ଯ୍ୟ-୬**

ଗତ ଏକକ ପରୀକ୍ଷଣ ପ୍ରଶ୍ନପତ୍ରଗୁଡ଼ିକ ବିଶ୍ଳେଷଣ କର ଓ ଏକ ଉତ୍ତମ ଭାବରେ କିପରି ତୁମେ ପ୍ରଶ୍ନଗୁଡ଼ିକୁ ତିଆରି କରିପାରିଥାନ୍ତ, ବ୍ୟକ୍ତ କର । ଏକ ଉଦାହରଣ ତୁମ ସକାଶେ ପ୍ରଦାନ କରାଯାଇଅଛି ।

| ପଚରା ଯାଇଥିବା ପ୍ରଶ୍ନ | ଉନ୍ନତ ପ୍ରଶ୍ନ |
|---|---|
| ପକ୍ଷୀମାନେ କାହିଁକି ଦେଶାନ୍ତର ହୁଅନ୍ତି ? | ଶୀତ ଋତୁରେ ଚିଲିକା ହ୍ରଦକୁ ପକ୍ଷୀମାନଙ୍କର ଦେଶାନ୍ତରର ଯେ କୌଣସି ତିନୋଟି କାରଣ ବ୍ୟାଖ୍ୟା କରି ବ୍ୟକ୍ତ କର । |

ଉପରୋକ୍ତ ଉଦାହରଣରେ ପ୍ରଦତ୍ତ ପ୍ରଶ୍ନଟିର ଉନ୍ନତ ଅନୁବାଦ ଚାଲନ୍ତୁ ବିଶ୍ଳେଷଣ କରିବା । ଏଠାରେ ଛାତ୍ରଛାତ୍ରୀଙ୍କୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ କରିବାକୁ ଦିଆଯାଇଥାଏ । ତାଙ୍କର ଯେକୌଣସି ତିନୋଟି କାରଣ ଚୟନ କରିବାର ସ୍ୱାଧୀନତା ଥାଏ । ଏହି ବିଷୟ ଏକ ପ୍ରସଙ୍ଗକୁ ଉପସ୍ଥାପନ କରେ । ଏହି ବିଷୟ ଛାତ୍ରଛାତ୍ରୀଙ୍କର ବୋଧଗମ୍ୟତାର ସ୍ତର ନିର୍ଦ୍ଧାରଣ ସହ ସମ୍ପର୍କିତ ଥାଏ । ଏହି ବିଷୟ ସକାଶେ ଉତ୍ତର ବସ୍ତୁନିଷ୍ଠ ଭାବରେ ଅଙ୍କିତ ହୋଇଥାଏ ।

## ୧୬.୪. ସାରାଂଶ

- ଆକଳନର ବିଭିନ୍ନ ଉପକରଣ ଓ କୌଶଳଗୁଡ଼ିକ ବ୍ୟବହାର ମାଧ୍ୟମରେ ଉଭୟ ବୌଦ୍ଧିକ ଓ ସହ ବୌଦ୍ଧିକ କ୍ଷେତ୍ରରେ ଠୁଳ କରାଯାଉଥିବା ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ଅଗ୍ରଗତି ଓ ଉନ୍ନତିର ତଥ୍ୟଗୁଡ଼ିକର ଶୃଙ୍ଖଳିତ ଭାବେ ଲେଖିରଖିବା ପ୍ରକ୍ରିୟାକୁ ଲିପିବଦ୍ଧ କୁହାଯାଏ ।
- ସୂଚିତକରଣ ଆକଳନ ଉପରେ ମତାମତର ବିନିମୟ ଓ ଯୋଗାଯୋଗକୁ ଦର୍ଶାଏ ଯାହା ଜଣେ ଶିକ୍ଷାର୍ଥୀ କିପରି ଏକ ନିମ୍ନ ସ୍ତରର ବୋଧ ଓ ଦକ୍ଷତା ଗ୍ରହଣରୁ ଉଚ୍ଚତର ଓ ଅଧିକ ଜଟିଳ ସ୍ତରକୁ ସମୟାନୁକ୍ରମେ ଶିକ୍ଷା ଲାଭ ଓ ଉନ୍ନତି କରିଥାଏ ।
- ଆବଶ୍ୟକୀୟ କାର୍ଯ୍ୟକ୍ରମ ସକାଶେ ବିଭିନ୍ନ ଉପଭୋକ୍ତାମାନଙ୍କୁ ଯେପରି (୧) ଶିକ୍ଷାର୍ଥୀ ଓ ଅଭିଭାବକ (୨) ଶିକ୍ଷକ ଅଭିଭାବକ (୩) ଶିକ୍ଷକ ଓ ପରାମର୍ଶଦାତା ଓ (ଘ) ଯୋଜନାକାରୀ ଓ ପ୍ରଶାସକ ଭିନ୍ନ ଭାବରେ ଛାତ୍ରଛାତ୍ରୀ ଆକଳନର ଲିପିବଦ୍ଧ ଫଳାଫଳଗୁଡ଼ିକୁ ସୂଚିତ କରିବାକୁ ପଡ଼ିବ ।
- ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତି ସୂଚିତ କରିବା ପତ୍ରରେ ଏହି ସବୁ ଦିଗଗୁଡ଼ିକୁ ଅନ୍ତର୍ଭୁକ୍ତ କରବା ଆବଶ୍ୟକ ଯଥା (୧) ଛାତ୍ରଛାତ୍ରୀମାନଙ୍କର ପରିଚୟ (୨) ବୌଦ୍ଧିକ କ୍ଷେତ୍ରଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତି (୩) ସହ ବୌଦ୍ଧିକ କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତି (୪) ଛାତ୍ରଛାତ୍ରୀମାନଙ୍କର ବ୍ୟକ୍ତିଗତ-ସାମାଜିକ ଗୁଣ (୫) ଛାତ୍ରଛାତ୍ରୀମାନଙ୍କର ସହ-ପାଠ୍ୟକ୍ରମ ସମ୍ବନ୍ଧୀୟ ଗତିବିଧି (୬) ଛାତ୍ରଛାତ୍ରୀମାନଙ୍କର ଉପସ୍ଥାପନ (୭) ଅଧ୍ୟକ୍ଷ/ପ୍ରଧାନ ଶିକ୍ଷକ ଓ ଶ୍ରେଣୀ ଶିକ୍ଷକଙ୍କର ମନ୍ତବ୍ୟ (୮) ଶିକ୍ଷାର୍ଥୀଙ୍କର ସାମଗ୍ରିକ ଫଳାଫଳ
- ପରିବେଶଗତ ଶିକ୍ଷା (ଇଭିଏସ୍)ରେ ଶିକ୍ଷଣ ଅଗ୍ରଗତି ଲିପିବଦ୍ଧ କରିବାର ଦିଗଗୁଡ଼ିକ ହେଲା (୧) ପର୍ଯ୍ୟବେକ୍ଷଣ ଓ ଲିପିବଦ୍ଧ କରିବା (୨) ଆଲୋଚନା (୩) ଅଭିବ୍ୟକ୍ତି (୪) ବ୍ୟାଖ୍ୟାକରଣ (୫) ବର୍ଗିକରଣ (୬) ପ୍ରଶ୍ନ ପଚାରିବା (୭) ବିଶ୍ଳେଷଣ (୮) ପରୀକ୍ଷଣ (୯) ନ୍ୟାୟ ଓ ସମାନତା ପାଇଁ ସମ୍ପର୍କ (୧୦) ସହଯୋଗ

ଟିପ୍ପଣୀ

- ଭାଷାରେ ଶିକ୍ଷଣ ଅଗ୍ରଗତି ଲିପିବଦ୍ଧ କରିବା ମୌଳିକ ଦକ୍ଷତାଗୁଡ଼ିକୁ ଅନ୍ତର୍ଭୁକ୍ତ କରିଥାଏ ଯଥା (କ) ଶୁଣିବା (ଖ) କହିବା (ଗ) ପଢ଼ିବା (ଘ) ଲେଖିବା
- ଗଣିତରେ ଶିକ୍ଷଣ ଅଗ୍ରଗତି ଅଭିଲେଖନ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀରେ ପଢ଼ା ଯାଇଥିବା ବିଭିନ୍ନ ପ୍ରସଙ୍ଗଗୁଡ଼ିକୁ ଅର୍ନ୍ତଭୁକ୍ତ କରିଥାଏ ।
- ଆକଳନ ପରିଣାମଗୁଡ଼ିକ ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣରେ ସୁଧାର ସକାଶେ ପଦକ୍ଷେପ ନେବା ପାଇଁ ବିଶ୍ଳେଷଣ କରାଯାଇପାରେ (୧) ବିଷୟ ଅନୁଯାୟୀ (୨) ପ୍ରସଙ୍ଗ ଅନୁଯାୟୀ ଓ (୩) ଶିକ୍ଷଣ ଫଳାଫଳ ଅନୁଯାୟୀ
- ଆକଳନ ପରିଣାମଗୁଡ଼ିକର ବିଶ୍ଳେଷଣ ଉପରେ ଆଧାରିତ ହୋଇ ପରବର୍ତ୍ତୀ କାର୍ଯ୍ୟକ୍ରମ ଯଥା ପରାମର୍ଶ ପ୍ରଦାନ, ନିଦାନ ଓ ସମୃଦ୍ଧିକରଣ ମାଧ୍ୟମରେ ପ୍ରତିକାର ପ୍ରଦାନ ପରି କାର୍ଯ୍ୟକ୍ରମ ଶିକ୍ଷକ ହାତକୁ ନେଇ ପାରନ୍ତି । ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ଅଗ୍ରଗତି ଉପରେ ଶିକ୍ଷକଙ୍କର ନିଜସ୍ୱ ଚିନ୍ତନ ରହିଥାଏ ଓ ଶିକ୍ଷଣ ଅଗ୍ରଗତି ଆକଳନ ପାଇଁ ସେ ଉପକରଣ ଓ କୌଶଳଗୁଡ଼ିକୁ ବ୍ୟବହାର କରିଥାଆନ୍ତି ।

## ୧୬.୫. ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

E-୧. ଶିକ୍ଷାର୍ଥୀଙ୍କର ଆକଳନର ସୂଚନା ନିମ୍ନୋକ୍ତମାନଙ୍କ ସକାଶେ ଉପଯୋଗୀ ହୋଇଥାଏ;

**୧. ଶିକ୍ଷକ**

- ସଂଗୃହୀତ ବିବିଧ ତଥ୍ୟରୁ ଶିକ୍ଷାର୍ଥୀମାନଙ୍କର ଅନ୍ତଃଶକ୍ତି ବୁଝିବାରେ
- ଶିକ୍ଷାର୍ଥୀମାନଙ୍କର ଏକ ପୂର୍ଣ୍ଣ ପରିଚୟ/ପାର୍ଶ୍ୱଚିତ୍ର ବିକାଶ କରିବାରେ
- କିପରି ଏକ ଶିକ୍ଷାର୍ଥୀ ଶିଖୁଛି/ଅଥବା ଅଗ୍ରଗତି କରୁଅଛି, ସେ ବାବଦରେ ସିଦ୍ଧାନ୍ତ ନିର୍ଣ୍ଣୟ କରିବାରେ
- 'ଶିକ୍ଷାର୍ଥୀ କେଉଁଠାରେ ଅଛି' ଓ 'ଶିକ୍ଷାର୍ଥୀକୁ ସାହାଯ୍ୟ କରିବା ପାଇଁ କ'ଣ କରାଯିବା ଆବଶ୍ୟକ'କୁ ବୋଧ କରିବାରେ

**୨. ଅଭିଭାବକ**

- ଶିଶୁ ବିଦ୍ୟାଳୟରେ କ'ଣ କରୁଅଛି ଜାଣିବା ସକାଶେ
- ଶିଶୁର ଶିକ୍ଷଣ ଦକ୍ଷତା ଓ ଦୁର୍ବଳତା ଜାଣିବା ସକାଶେ
- ଶିଶୁ ନିଜର ତତ୍ପରତା ଓ ଆଗ୍ରହ କ୍ଷେତ୍ର ସହିତ ଆଗକୁ ଯିବାରେ ପ୍ରେରଣାପ୍ରଦାନ କରିବା ସକାଶେ
- ନିଜର ଆବଶ୍ୟକତା ଅନୁଯାୟୀ ଶିଶୁ ସକାଶେ ଉପଚାରାତ୍ମକ/ସମୃଦ୍ଧିକରଣ ଗତିବିଧିଗୁଡ଼ିକ ସୁଗମ କରିବାରେ

ଟିପ୍ପଣୀ

**୩. ଛାତ୍ରଛାତ୍ରୀ**

- ନିଜର ଅଗ୍ରଗତିର ସୁଧାର/ଉନ୍ନତି ସକାଶେ ସ୍ୱ-ପ୍ରେରଣାପ୍ରଦାନ କରିବାରେ
- ବ୍ୟକ୍ତିଗତ-ସାମାଜିକ ଅଭିବୃଦ୍ଧି କରିବାରେ
- କାହିଁକି ସେମାନେ କରୁଛନ୍ତି ଓ କ'ଣ ସେମାନେ କରୁଛନ୍ତି ଜାଣିବାରେ, ଏବଂ ଦୁର୍ବଳ କ୍ଷେତ୍ରରେ କାର୍ଯ୍ୟ କରିବା ସକାଶେ ପରିସର ଯୋଗାଇଦେବ ।

E - ୨

ବିଭିନ୍ନ ବୌଦ୍ଧିକ ଓ ସହ-ବୌଦ୍ଧିକ କ୍ଷେତ୍ରଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତି ଲିପିବଦ୍ଧ କରିବା ପ୍ରକ୍ରିୟାରେ ନିମ୍ନଲିଖିତ ପ୍ରଭେଦଗୁଡ଼ିକ ଅବଲୋକନ କରାଯାଇଅଛି ।

- ବିଭିନ୍ନ ପାଠ୍ୟକ୍ରମ ସମ୍ପର୍କିତ କ୍ଷେତ୍ରଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ଅଗ୍ରଗତି ହୁଏତ ନମ୍ବର ଅଥବା ଗ୍ରେଡ୍/ ଶ୍ରେଣୀ ମାଧ୍ୟମରେ ଲିପିବଦ୍ଧ କରାଯାଏ ଯାହାକି ପୃଥକଭାବରେ ମୌଖିକ/ଲିଖିତ ଓ ପରୀକ୍ଷଣ(ପ୍ରାକ୍ଟିକାଲ)/ ପ୍ରକଳ୍ପ/ମୂଲ୍ୟାଙ୍କନ ପତ୍ର ଶୀର୍ଷରେ ଅନ୍ତର୍ଭୁକ୍ତ ହୋଇଥାଏ କିନ୍ତୁ ସହପାଠ୍ୟକ୍ରମ ସମ୍ବନ୍ଧୀୟ କ୍ଷେତ୍ରର ବିଭିନ୍ନ ଦିଗ ଯଥା ଚିତ୍ରାଙ୍କନ, ଚିତ୍ରଣ କାର୍ଯ୍ୟ, ସଙ୍ଗୀତ ଆଦି କ୍ଷେତ୍ରରେ ଏହା ସାମଗ୍ରିକ ଭାବରେ ଲିପିବଦ୍ଧ ହୁଏ ।

E - ୩

ବିଭିନ୍ନ ବିଷୟ କ୍ଷେତ୍ରଗୁଡ଼ିକରେ ଶିକ୍ଷଣ ଅଗ୍ରଗତିର ଛାଞ୍ଚଗୁଡ଼ିକରେ ନିମ୍ନଲିଖିତ ତାରତମ୍ୟମାନ ପରିଦୃଷ୍ଟ ହୋଇଥାଏ ।

- ଭାଷାରେ ଶିକ୍ଷଣ ଅଗ୍ରଗତିର ଅଭିଲେଖନ ମୌଳିକ ଦକ୍ଷତାଗୁଡ଼ିକୁ ଅନ୍ତର୍ଭୁକ୍ତ କରିଥାଏ ଯଥା (୧) ଶୁଣିବା (୨) କହିବା (୩) ପଢିବା (୪) ଲେଖିବା
- ପରିବେଶଗତ ଶିକ୍ଷାରେ ଶିକ୍ଷଣ ଅଗ୍ରଗତି ଲିପିବଦ୍ଧ କରିବା ନିମ୍ନୋକ୍ତ ଦିଗଗୁଡ଼ିକୁ ଅନ୍ତର୍ଭୁକ୍ତ କରିଥାଏ ଯଥା ୧- ପର୍ଯ୍ୟବେକ୍ଷଣ ଓ ଲିପିବଦ୍ଧ କରିବା ୨- ଆଲୋଚନା ୩- ଅଭିବ୍ୟକ୍ତି ୪- ବ୍ୟାଖ୍ୟାକରଣ ୫- ବିଭକ୍ତିକରଣ ୬- ଆପତ୍ତି (ପ୍ରଶ୍ନ କରିବା) ୭- ବିଶ୍ଳେଷଣ ୮- ପରୀକ୍ଷଣ ୯- ନ୍ୟାୟ ଓ ସମାନତା ସକାଶେ ଚିନ୍ତା ପ୍ରକଟ ଓ ୧୦- ସହଯୋଗ
- ଗଣିତରେ ଶିକ୍ଷଣ ଅଗ୍ରଗତି ଲିପିବଦ୍ଧ କରିବା ଏକ ନିର୍ଦ୍ଦିଷ୍ଟ ଶ୍ରେଣୀରେ ପଢ଼ା ଯାଇଥିବା ବିଭିନ୍ନ ପ୍ରସଙ୍ଗଗୁଡ଼ିକୁ ଅନ୍ତର୍ଭୁକ୍ତ କରିଥାଏ ।

E- ୪

ତ୍ରୁଟି ଆସିପାରେ କିନ୍ତୁ ଭୁଲଗୁଡ଼ିକ କରାଯାଇଥାଏ । ତ୍ରୁଟି ସହଜରେ ଆସିଯାଇପାରେ କିନ୍ତୁ ଭୁଲଗୁଡ଼ିକ ମାନବୀୟ କ୍ରିୟାକୁ ସାମିଲ କରିଥାଏ । ଏକ ତ୍ରୁଟି, ନିର୍ଭୁଲତା ଓ ସଠିକତାର ଗୋଟିଏ ବ୍ୟତିକ୍ରମ ହୋଇଥାଏ । ଏକ ଭୁଲ ହେଉଛି ଗୋଟିଏ ତ୍ରୁଟି ଯାହା ଏକ ଦୋଷ ଯୋଗୁଁ ସୃଷ୍ଟି ହୋଇଥାଏ । ଭୁଲ, ବିବେଚନା/ବେଖାତିର ଭାବ/ଅସାବଧାନତା ଅଥବା ବିସ୍ମରଣ ପୂର୍ଣ୍ଣତା ଯୋଗୁଁ ଆସିଥାଏ ।

ଟିପ୍ପଣୀ

E- ୫

ତୁମେ ଏକ ଶିକ୍ଷକ ହିସାବରେ ତୁମର ବିଷୟ କ୍ଷେତ୍ରରେ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଶିକ୍ଷଣ ଅସୁବିଧା/କଠିନତାଗୁଡ଼ିକର ଉପଚାର ସକାଶେ ନିମ୍ନଲିଖିତ ପଦକ୍ଷେପଗୁଡ଼ିକ ନେଇପାର ।

- ବିଷୟ ଅନୁଯାୟୀ ଓ କାଳ (ପର୍ଯ୍ୟାୟ) ଅନୁଯାୟୀ ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତି ବିଶ୍ଳେଷଣ କରିବା ମାଧ୍ୟମରେ କେଉଁମାନଙ୍କର ଶିକ୍ଷଣ ଅସୁବିଧା ରହିଅଛି ତାହା ନିର୍ଦ୍ଧାରଣ କରିବା ।
- ନିରୂପଣ ମାଧ୍ୟମରେ ଶିକ୍ଷଣ ଅସୁବିଧା/କଠିନତାର ନିର୍ଦ୍ଦିଷ୍ଟ ପ୍ରକୃତି ନିର୍ଦ୍ଧାରଣ କରିବା ।
- ଶିକ୍ଷଣ ଅସୁବିଧା/କଠିନତା ସୃଷ୍ଟି କରୁଥିବା ଉପାଦାନଗୁଡ଼ିକ ଯଥା ମନୋବୃତ୍ତି, ଆଗ୍ରହ, ପ୍ରେରଣାଦାନ ଓ ଏହି ଭଳି କାରକମାନଙ୍କର ନିର୍ଦ୍ଧାରଣ କରିବା ।
- ଉପଯୁକ୍ତ ପ୍ରତିକାରାତ୍ମକ ପ୍ରକ୍ରିୟାଗୁଡ଼ିକର ପ୍ରୟୋଗ କରିବା ।

## ୧୬.୬. ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


୧. ଭାରତ ସରକାର (୧୯୮୬ ଓ ୧୯୯୨) ରାଷ୍ଟ୍ରୀୟ ଶିକ୍ଷାନୀତି, ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଶିକ୍ଷା ବିଭାଗ, ନୂଆଦିଲ୍ଲୀ

୨. ଭାରତ ସରକାର(୧୯୯୧) ପ୍ରାଥମିକ ସ୍ତରରେ ଶିକ୍ଷଣର ସର୍ବନିମ୍ନ ସ୍ତର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଗଠିତ କମିଟିର ରିପୋର୍ଟ, ଏନସିଇଆରଟି, ନୂଆଦିଲ୍ଲୀ ।

୩. ଭାରତ ସରକାର (୨୦୦୫).ଜାତୀୟ ପାଠ୍ୟକ୍ରମ ଢାଞ୍ଚା, ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଏନସିଇଆରଟି, ନୂଆଦିଲ୍ଲୀ ।

୪. ଗ୍ରୋନ୍‌ଲୁଣ୍ଡ, ଏନ୍.ଇ. ଏବଂ ଲିନ୍ ଆର.(୧୯୯୦) ଶିକ୍ଷାଦାନର ପରିମାପ ଓ ମୂଲ୍ୟାୟନ (୬ଷ୍ଠ ସଂସ୍କରଣ) ମ୍ୟାକ୍‌ମିଲାନ ପ୍ରକାଶନୀ, ନ୍ୟୁୟର୍କ

୫. ରାଜପୁତ, ଏସ.ଏଟ୍ ଅଲ୍(୨୦୦୨). ପ୍ରଶ୍ନପତ୍ର ପ୍ରସ୍ତୁତିର ସହାୟକ ପୁସ୍ତିକା, ଏନସିଇଆରଟି, ନୂଆଦିଲ୍ଲୀ ।

୬. ସିର୍ଜର. ବି. ଏବଂ ପିଟର୍ସ, ଏଚ.ଜେ. (୧୯୬୫) ବ୍ୟକ୍ତିଗତ ମୂଲ୍ୟ ନିରୂପଣ ଓ ବିକାଶ ସକାଶେ ପଥ ପ୍ରଦର୍ଶକ କୌଶଳ, ମ୍ୟାକ୍ ମିଲାନ କମ୍ପାନୀ, ନ୍ୟୁୟର୍କ

୭. ସିଂଘ, ପି.(୧୯୮୬). ପ୍ରାଥମିକ ସ୍ତରରେ ମୂଲ୍ୟାୟନ : ପଠନଗୁଡ଼ିକର ଏକ ପୁସ୍ତକ (ସମ୍ପାଦିତ)ଏନସିଇଆରଟି, ନୂଆଦିଲ୍ଲୀ ।


## ୧୬.୭ ପାଠାନ୍ତ ପ୍ରଶ୍ନାବଳୀ

୧. ଛାତ୍ରଛାତ୍ରୀମାନଙ୍କର ଅଗ୍ରଗତି ସୂଚିତ କରିବା ସକାଶେ ବିଭିନ୍ନ ଉପଭୋକ୍ତାମାନେ କିଏ ଅଟନ୍ତି ? ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଅଗ୍ରଗତିରେ ସୁଧାର/ଉନ୍ନତି ସକାଶେ ସେମାନେ କିପରି ପ୍ରତିଦାନ କରିପାରିବେ ବର୍ଣ୍ଣନା କର ।

ଟିପ୍ପଣୀ

୨. ଲିପିବଦ୍ଧ କରିବା ସକାଶେ ତାଲିକାଭୁକ୍ତ ନିୟମାବଳୀ ଶିକ୍ଷକମାନଙ୍କ ପାଇଁ କେତେଦୂର କାର୍ଯ୍ୟକାରୀ ହେବ, ଆଲୋଚନା କର ।

୩. ଆକଳନର ଫଳାଫଳଗୁଡ଼ିକ ଉପରେ ଆଧାରିତ ହୋଇ ଶିକ୍ଷଣରେ ସୁଧାର/ଉନ୍ନତି ସକାଶେ ଶିକ୍ଷକମାନଙ୍କ ଦ୍ୱାରା ନିଆ ଯାଉଥିବା ସୋପାନଗୁଡ଼ିକୁ ବ୍ୟାଖ୍ୟା କର ।

୪. ଏକ ନିଦାନମୂଳକ ପରୀକ୍ଷା ଆରମ୍ଭ କରିବା ସକାଶେ ସୋପାନଗୁଡ଼ିକ ବିସ୍ତୃତ ଭାବରେ ଲେଖ ଓ ତୁମର ବିଷୟ କ୍ଷେତ୍ରରେ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଅସୁବିଧା ନିରୂପଣ ସକାଶେ ପରୀକ୍ଷଣ ସାମଗ୍ରୀଗୁଡ଼ିକୁ ବିକାଶ କର ।